# ସିନୋପ୍ସିସ୍

## ପୋଷ୍ଟ ଡ଼କ୍ଟରାଲ /ଡ଼କ୍ଟର ଅଫ ଲିଟେରଚେର (ଡ଼ି.ଲିଟ୍.)

UTKAL UNIVERSITY

ଉତ୍କଳ ବିଶ୍ୱବିଦ୍ୟାଳୟ

# ଓଡ଼ିଆ ସାହିତ୍ୟର କବି କାଳିନ୍ଦୀଚରଣ ପାଣିଗ୍ରାହୀ ଓ ଗୁଜୁରାଟୀ ସାହିତ୍ୟର କବି ନରେନ୍ଦ୍ର ମୋଦିଙ୍କ କାବ୍ୟଜଗତ : ଏକ ଅଧ୍ୟୟନ

**ଡ଼କ୍ଟର ସୁବାଷ ନାୟକ**

ଆସିଷ୍ଟାଂଟ୍ ପ୍ରଫେସର

ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ

ତ୍ରିଦେବ ଡ଼ିଗ୍ରୀ କଲେଜ

ଟାଙ୍ଗୀ, କଟକ

**ଓଡ଼ିଆ ଭାଷା ଓ ସାହିତ୍ୟର**
**ଡ଼କ୍ଟର ଅଫ ଲିଟେରଚର (ଡ଼ି.ଲିଟ୍.)**
**ନିବନ୍ଧର ସାରସଂକ୍ଷେପ (ସିନୋପ୍ସିସ୍)**

## "ଓଡ଼ିଆ ସାହିତ୍ୟର କବି କାଳିନ୍ଦୀ ଚରଣ ପାଣିଗ୍ରାହୀ ଓ ଗୁଜରାଟୀ ସାହିତ୍ୟର କବି ନରେନ୍ଦ୍ର ମୋଦିଙ୍କ କାବ୍ୟଜଗତ - ଏକ ଅଧ୍ୟୟନ ।

ଲବ୍ଧ ପ୍ରତିଷ୍ଠିତ ଓଡ଼ିଆ ସାହିତ୍ୟକ ପଦ୍ମଭୂଷଣ ଡ଼କ୍ଟର କାଳିନ୍ଦୀ ଚରଣ ପାଣିଗ୍ରାହୀ ନିଜର ସୃଜନଧର୍ମୀ ପଦ୍ୟ ଓ ଗଦ୍ୟ ରଚନା ପାଇଁ ସୁପରିଚିତ । ସେ ଜଣେ ଜୀବନ ଧର୍ମୀ ସାହିତ୍ୟକ । ସମୟର ପ୍ରଭାବ ଓ ଘଟଣାକୁ ଅନୁସରଣ କରି ତାଙ୍କ ସୃଷ୍ଟି ରୂପ ପରିଗ୍ରହ କରିଥିଲେ ମଧ୍ୟ ଶାଣିତ ମାନବ ବାଦୀ ଆଭିମୁଖ୍ୟ ଦୃଷ୍ଟିରୁ ଏହା ବହୁଭାବରେ ସାର୍ଥକ ବୋଲି କହିବାକୁ ହେବ । ଓଡ଼ିଆ ସାହିତ୍ୟକୁ ମାନବିକତାର ନୂତନ ଅର୍ନ୍ତଦୃଷ୍ଟି ଦେଇଥିବା କାଳିନ୍ଦୀଚରଣ ଏକ ପରମ ଦୀପ୍ତିମାନ ବ୍ୟକ୍ତିତ୍ୱ ।

ସବୁଜ ଚେତନାର ସର୍ବଶ୍ରେଷ୍ଠ ବରେଣ୍ୟ ସାଧକ ପଦ୍ମଭୂଷଣ କାଳିନ୍ଦୀଚରଣ ବିଂଶଶତକର ପ୍ରାରମ୍ଭରୁ ନବେ ବର୍ଷର ଏକ ଉଜ୍ଜ୍ୱଳୀୟ ସାରସତ ଉଚ୍ଚାରଣ ଓ ବହୁମୁଖୀ ସାରସତ ପ୍ରତଭା । ତାଙ୍କର ସୃଷ୍ଟିସମ୍ଭାର ଉଭୟ ଗୁଣାତ୍ମକ ଓ ପରିମାଣାତ୍ମକ ଦୃଷ୍ଟିରୁ ବିପୁଳ । ସେ ଏକାଧାରାରେ ଜଣେ କବି, ଔପନ୍ୟାସିକ ଗାଳ୍ପିକ, ପ୍ରାବନ୍ଧିକ, ଗିତୀକାର, ପାଠ୍ୟପୁସ୍ତକର ରଚୟିତା ଓ ନାଟ୍ୟକାର ।

୧୯୦୧ ମସିହା ଜୁଲାଇ ମାସ ୨ ତାରିଖରେ କାଳିନ୍ଦୀଚରଣଙ୍କ ଜନ୍ମ ହୋଇଥିଲା - ପୁରୀ ଜିଲ୍ଲାର ବିଶ୍ୱନାଥପୁର ଶାସନ ଗ୍ରାମରେ । ତାଙ୍କ ପିତା ସପ୍ତେଶ୍ୱର ପାଣିଗ୍ରାହୀ ଥିଲେ ଜଣେ ଆଦର୍ଶ ଶିକ୍ଷକ । ପିତା ସପ୍ତେଶ୍ୱର ଓ ଦୁଇଭାଇ ଦିବ୍ୟସିଂହ ଓ ଭଗବତୀଚରଣ ସାହିତ୍ୟକ ଥିଲେ । ବାଲ୍ୟ ଜୀବନରେ କାଳିନ୍ଦୀଚରଣଙ୍କ ପରିବାର ସହିତ ତତ୍କାଳୀନ ଅନେକ ବିଶିଷ୍ଟ ସାହିତ୍ୟକ ବ୍ୟକ୍ତିତ୍ୱ ସହ ସମ୍ପର୍କ ଯୋଗୁ କାଳିନ୍ଦୀଚରଣଙ୍କ ସାହିତ୍ୟ ପ୍ରୀତି ସୃଷ୍ଟିହୋଇଥିଲା ।

କାଳିନ୍ଦୀଚରଣଙ୍କ ସାହିତ୍ୟ ଦ୍ୱିବିଧିକାରକ, ସେ ଯେପରି ଜଣେ ସଫଳ ସ୍ରଷ୍ଟା , ସେହିଭଳି ଜଣେ ମାନବବାଦୀ କବି ଅଟନ୍ତି , କାଳିନ୍ଦୀଚରଣ ନିଜର କାବ୍ୟମାନସର - ସବୁଜ କବିତା, ମନେନାହିଁ , ଛୁରୀଟିଏ ଲୋଡ଼ା , କ୍ଷଣିକ ସତ୍ୟ , ମହାଦୀପ ପ୍ରଭୃତି କାବ୍ୟଗ୍ରନ୍ଥ ଓଡ଼ିଆ ସାହିତ୍ୟର କାବ୍ୟ ଜଗତକୁ ସମୃଦ୍ଧ କରିପାରିଅଛି କାଳିନ୍ଦୀଚରଣଙ୍କ କବିତା ଗୁଡ଼ିକ ମୁଖ୍ୟତଃ ସୌରବାଦୀ ଓ ସବୁଜ ଆଦର୍ଶର ହୋଇଥିଲେ ହେଁ-କବିତା ରଚନା କରିବାପାଇଁ ତାଙ୍କ ଚେତନା ଓ ମନୋଭୂମି  ସମୟୋପଯୋଗୀ ହୋଇଅଛି ।

ଗୁଜୁରାଟୀ ଭାଷା ଓ ସାହିତ୍ୟର କବି ନରେନ୍ଦ୍ର ମୋଦି ଜଣେ ପରିଚିତ ନାମ । ବାପା ଦାମୋଦର ଦାସ ମୋଦି ଓ ମା ହୀରାବେନଙ୍କ ସୁଯୋଗ୍ୟ ସନ୍ତାନ । ଗୁଜୁରାଟ ପ୍ରଦେଶର ବଡ଼ନଗର ସହରରେ ୧୭ ସେପ୍ଟେମ୍ବର ୧୯୫୦ ମସିହାରେ ଜନ୍ମିତ । ଗରିବ ପରିବାରରେ ଜନ୍ମିତ ମୋଦି ନିଜ ଜୀବନକୁ ସଂଘର୍ଷ ଭିତରେ ନେଇ ଗୁଜୁରାଟୀ ସାହିତ୍ୟର ଜଣେ ସଫଳସ୍ରଷ୍ଟା । କବି , ଗାଳ୍ପିକ , ସମାଲୋଚନାଧର୍ମୀ ଅନେକ ପୁସ୍ତକର ସ୍ରଷ୍ଟା । ଗୁଜୁରାଟୀ ସାହିତ୍ୟର କାବ୍ୟମାନସରେ ତାଙ୍କର କବିତାଗୁଡ଼ିକ ଜୀବନ୍ତ ପରିପୁଷ୍ଟିତ ହୋଇଅଛି । ନିଜର ମନର ବେଦନାକୁ ସେ କବିତା ମାଧ୍ୟମରେ ପରିପ୍ରକାଶ କରିଅଛନ୍ତି ।

ନରେନ୍ଦ୍ରମୋଦିଙ୍କ କବିତା ଗ୍ରନ୍ଥ-"ଏ ଜର୍ଣ୍ଣିଂ"ଏବଂ "ଆଁଖ ଆ ଧନ୍ୟ ଛେଁ-ଏବଂ ଗଳ୍ପ ଗ୍ରନ୍ଥ - "ପ୍ରେମତୀର୍ଥ । କବିତାଗ୍ରନ୍ଥ ଏ ଜର୍ଣ୍ଣି  ମୋଦିଙ୍କ ଜୀବନ ଉପରେ ଆଧାରିତ କବିତା । ଏଥିରେ ୬୭ ଟି କବିତା ସ୍ଥାନ ପାଇଛି ।

ମୋଦିଜୀଙ୍କ ସାଙ୍ଗ ରବିମନ୍ଥା ଏହାକୁ ଗୁଜୁରାଟୀ ଭାଷାରୁ ଇଂଗ୍ରାଜୀ ଭାଷାରେ ଅନୁବାଦ କରିଛନ୍ତି । ଇଂଗ୍ରାଜୀ ଭାଷାରୁ ଶାସ୍ତ୍ରୀୟ ଓଡ଼ିଆ ଭାଷାରେ ଅନୁବାଦ କରୁଛନ୍ତି । - ସ୍ୱ ଗବେଷକ - ପ୍ରଫେସର ଡ଼କ୍ଟର ସୁବାଷ ନାୟକ ଓ ଇଂଗ୍ରାଜୀ ଭାଷାରୁ ହିନ୍ଦୀଭାଷାକୁ ଅନୁବାଦ କରୁଛନ୍ତି ହିନ୍ଦୀ ସାହିତ୍ୟର ଅବସରପ୍ରାପ୍ତ ପ୍ରଫେସର ସ୍ମରପ୍ରିୟା ମିଶ୍ର ।ମୋଦିଙ୍କ ଅନ୍ୟ ଏକ କବିତା ସଂକଳନ - " ଆଖଁ ଆ ଧନ୍ୟ ଛେ " କୁ ଗୁଜୁରାଟୀ ଭାଷାରୁ ହିନ୍ଦୀ ଭାଷାକୁ କୋଲମ୍ବିଆ ବିଶ୍ୱବିଦ୍ୟାଳୟର - ହିନ୍ଦୀ ସାହିତ୍ୟର ପ୍ରଫେସର ଡ଼କ୍ଟର ଅଞ୍ଜନା ସନ୍ଧିର ଅନୁବାଦ କରିଛନ୍ତି "ଧନ୍ୟ ଏଇ ଆଖି"ପ୍ରଫେସର ସ୍ମରପ୍ରୟା ମିଶ୍ର ଓଡ଼ିଆ ଭାଷାରେ ଅନୁବାଦ ପୁସ୍ତକ ପ୍ରକାଶିତ କରିଛନ୍ତି ।

ନରେନ୍ଦ୍ର ମୋଦିଙ୍କ ଗଳ୍ପସଂକଳନ - "ପ୍ରେମତୀର୍ଥ" ୧୨ଗୋଟି ଗଳ୍ପକୁ ନେଇ ଗଠିତ । ପ୍ରେମତୀର୍ଥ ଗୁଜୁରାଟୀ ଭାଷାରୁ ଶାସ୍ତିୟ ଓଡ଼ିଆ ଭାଷାକୁ ଅନୁବାଦ କରିଅଛନ୍ତି ଓଡ଼ିଶା ଶିକ୍ଷା ସେବାର ଅଧିକାରୀ ପ୍ରଶାନ୍ତ କୁମାର ମହାନ୍ତି କବିତା ଓ ଗଳ୍ପ ପୁସ୍ତକ ବ୍ୟତୀତ - ମୋଦିଜୀଙ୍କ - ଅନ୍ୟାନ୍ୟ ପୁସ୍ତକମଧ୍ୟରେ - "ସଂଘର୍ଷ ମା ଗୁଜୁରାଟ" ଦାତୋପନ୍ତ ଥୋଙ୍ଗାଡ଼ିଙ୍କ ମରାଠୀ ପୁସ୍ତକ - "ସମୃଷ୍ଟ ଶିବାୟ ସମତା ଅକ୍ଷୟ"କୁ ମୋଦିଜୀ - ଗୁଜୁରାଟୀ ଭାଷାରେ ଅନୁବାଦ କରିଛନ୍ତି । ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ଦ୍ୱିତୀୟ ସଂଘଚାଳକ ଶହଶହ ଚିଠି ମରାଠୀ , ହିନ୍ଦୀ ଓ ଇଂଗ୍ରାଜୀ ରେ ଲେଖିଥିଲେ । ନରେନ୍ଦ୍ର ମୋଦି ଏସବୁକୁ ଗୁଜୁରାଟୀ ଭାଷାରେ ଅନୁବାଦ କରି "ପତ୍ରରୂପ ଶ୍ରୀ ଗୁରୁଜୀ"ନାମରେ ପ୍ରକାଶ କରିଥିଲେ । ଲକ୍ଷ୍ମଣ ରାଓ ଇନାମଦାର ବା ଓକିଲ ସାହେବ ଗୁଜୁରାଟରେ ୪୩ ବର୍ଷ ଧରି ସଂଘ ପ୍ରଚାରକଥିଲେ । ତାଙ୍କର ସମୟ ଓ ଜୀବନୀକୁ ନେଇ ଅନ୍ୟ ଜଣେ ସହ ଲେଖକ ରାଜାସାହେବ ନେନେଙ୍କ ସହାୟତାରେ ସେ ଲେଖିଛନ୍ତି - "ସେତୁବନ୍ଧ" ପୁସ୍ତକ । ମୋଦିଜୀ ୧୬ଜଣ ବିଶିଷ୍ଟ ବ୍ୟକ୍ତିଙ୍କ ଜୀବନୀ ଉପରେ ଗୁଜୁରାଟି ଭାଷାରେ "ଜ୍ୟୋତିପୁଞ୍ଜ" ନାମକ ପୁସ୍ତକ ଲେଖିଛନ୍ତି । ନରେନ୍ଦ୍ର ମୋଦିଙ୍କ ସଦ୍ୟ ପ୍ରକାଶିତ ଏକ ଇଂରାଜୀ ପୁସ୍ତକ "Convenient action-Gujurat's response to challanges of climate change" ନରେନ୍ଦ୍ର ମୋଦିଙ୍କ "ଜୀବନୀ କଥା" ଗୁଜୁରାଟୀ ଭାଷାରୁ ହିନ୍ଦୀ ଭାଷାକୁ ଅନୁବାଦ କରିଛନ୍ତି କିଶୋର ମକୱାଣା-ଓ ଶାସ୍ତ୍ରୀୟ ଓଡ଼ିଆ ଭାଷାରେ ଅନୁବାଦ କରିଛନ୍ତି ପ୍ରଫେସର ସ୍ମରପ୍ରିୟା ମିଶ୍ର ।

ଗୁଜୁରାଟି ସାହିତ୍ୟର ସାଧକ ନରେନ୍ଦ୍ର ମୋଦି ନିଜର ସୃଷ୍ଟି ମାନସରେ ଜନଗଣଙ୍କ ସମସ୍ୟାକୁ ତଥା ନିଜର ଜୀବନ ଯାତ୍ରାକୁ ପରିପ୍ରକାଶ କରି ଜନତାଙ୍କ ସେବାରେ ନିୟୋଜିତ । ଘଟଣାକ୍ରମରେ ସାହିତ୍ୟକ ନରେନ୍ଦ୍ର ମୋଦି ରାଜନେତା ନରେନ୍ଦ୍ର ମୋଦି ଭାବରେ ପ୍ରତିଷ୍ଠିତ । ୧୨ ବର୍ଷ ଧରି ଗୁଜୁରାଟର ମୁଖ୍ୟମନ୍ତ୍ରୀ ପଦରେ ଥାଇ ୨୦୧୪ ରୁ ଅଦ୍ୟାବଧି ଭାରତର ପ୍ରଧାନମନ୍ତ୍ରୀ ପଦରେ ଅଧିଷ୍ଠିତ ।

<u>ଗବେଷଣାର ଲକ୍ଷ୍ୟ ଓ ଆଦର୍ଶ:-</u>

ସବୁଜ ଯୁଗର ସ୍ରଷ୍ଟା କାଳିନ୍ଦୀ ଚରଣ ,ଛାତ୍ରଜୀବନର ବିଶ୍ୱସାହିତ୍ୟ ଅଧ୍ୟୟନ ପ୍ରତି ଆଗ୍ରହୀ ଥିଲେ । ଏହାଦ୍ୱାରା ତାଙ୍କର ବିଶ୍ୱଦୃଷ୍ଟି ପ୍ରସାରିତ ହେବାରେ ଲାଗିଲା ଫଳରେ ତାଙ୍କ ଲେଖାରେ ଓଡ଼ିଆ ସାହିତ୍ୟ ବିଶ୍ୱସ୍ତରୀୟ କବି ରବୀନ୍ଦ୍ରନାଥ ଠାକୁର ଙ୍କ ପ୍ରଭାବ ବିଶେଷ ଭାବରେ ପରିଲକ୍ଷିତ ହୋଇଥିଲା । ଗୁଜୁରାଟୀ କବି ନରେନ୍ଦ୍ର ମୋଦି ଙ୍କ ସାରସତ ଯାତ୍ରା କଠିନ ସାପେକ୍ଷ ଥିଲା । ନିଜ ମନର ଭାବନାକୁ ସୃଜନୀ ମାଧ୍ୟମରେ ସେ ସମାଜର ଉପସ୍ଥାପନା କରିପାରିଛନ୍ତି ।

ଓଡ଼ିଆ ସାହିତ୍ୟର କବି କାଳିନ୍ଦୀ ଚରଣ ପାଣିଗ୍ରାହୀ ଓ ଗୁଜୁରାଟି ସାହିତ୍ୟର କବି ନରେନ୍ଦ୍ର ମୋଦିଙ୍କ କାବ୍ୟଜଗତ ଏକ ଅଧ୍ୟୟନ, ତାର ଉଜତର ଗବେଷଣା ମାଧ୍ୟମରେ ଉତର ସାରସତ ପୁରୁଷଙ୍କ ପରିପ୍ରକାଶ କରାଇବା ଏହି ଗବେଷଣା ନିବନ୍ଧର ମୁଖ୍ୟ ଲକ୍ଷ୍ୟ ଓ ଆଦର୍ଶ ଅଟେ । ଓଡିଆ ସାହିତ୍ୟର କବି କାଳିନ୍ଦୀ ଚରଣ

ପାଣୀଗ୍ରାହୀ ଓ ଗୁଜୁରାଟୀ ସାହିତ୍ୟର କବି ନରେନ୍ଦ୍ର ମୋଦିଙ୍କ କାବ୍ୟ ଜଗତର ତୁଳନାତ୍ମକ ଅଧ୍ୟୟନଙ୍କୁ ଉଚ୍ଚତର ଗବେଷଣା(ଡି.ଲିଟ୍) କାର୍ଯ୍ୟ କରାଯାଇ ପାରିବ ନାହିଁ, କାରଣ କାଳିନ୍ଦୀ ଚରଣ ଓ ନରେନ୍ଦ୍ର ମୋଦି ସମସାମୟିକ କବି ନୁହନ୍ତି । କାଳିନ୍ଦୀ ଚରଣ ସାଧିନତା ପୂର୍ବତୋର କବି ଓ ନରେନ୍ଦ୍ର ମୋଦି ସାଧିନତା ପରବର୍ତ୍ତୀ କବି ଅଟନ୍ତି । ଦୁଇ କବିଙ୍କର କାବ୍ୟ ଜଗତର ଆଲୋଚନାତ୍ମକ ଏକ କାବ୍ୟକ ଉତ୍ତୋରଣ କରାଯାଇ ପାରିବ, ଯାହାକି ଏକ ଅଧ୍ୟୟସଙ୍କଳନର ସିଦ୍ଧାନ୍ତରେ ଉପନିତ ହୋଇପାରିବ ।

## ଗବେଷଣାର ଅନୁସୃତ ପଦ୍ଧତି:-

ପ୍ରସ୍ତାବିତ ଉଚ୍ଚତର ଗବେଷଣା ସନ୍ଦର୍ଭରେ କାଳିନ୍ଦୀ ଚରଣଙ୍କ ସାଧାରଣ ଜୀବନୀ ସହ ସାରସ୍ୱତ ଜୀବନୀ (କାବ୍ୟଜଗତ) ଏବଂ ନରେନ୍ଦ୍ର ମୋଦିଙ୍କ ସାଧାରଣ ଜୀବନୀ ସହ ସାରସ୍ୱତ ଜୀବନୀ (କାବ୍ୟଜଗତ) ର ଏକ ଅଧ୍ୟୟନ ପ୍ରଦାନ କରାଯିବ । ନିବନ୍ଧଟି ବହୁ ଭାବରେ ପରିଚୟାତ୍ମକ ହେବ ଯେଉଁଥିରେ କି କାଳିନ୍ଦୀ ଚରଣ ଓ ନରେନ୍ଦ୍ର ମୋଦିଙ୍କ ଜୀବନୀ ଓ ସୃଜନୀ (କାବ୍ୟଜଗତ)କୁ ବିଷାଦ ଭାବରେ ପରିଚୟ ପ୍ରଦାନ କରାଯିବ ।

## ସମାହିତ ଗବେଷଣା:-

ମୋ ଜାଣିବାରେ ଏହାପୂର୍ବରୁ ଓଡ଼ିଆ ଭାଷା ସାହିତ୍ୟର ଉଚ୍ଚତର ଗବେଷଣା ରେ ଭାରତୀୟ ସାହିତ୍ୟର ଦୁଇଜଣ କବି, ଓଡ଼ିଆ ସାହିତ୍ୟର କବି କାଳିନ୍ଦୀ ଚରଣ ପାଣିଗ୍ରାହୀ ଓ ଗୁଜୁରାଟି ସାହିତ୍ୟର କବି ନରେନ୍ଦ୍ର ମୋଦି ଙ୍କ କାବ୍ୟଜଗତର ଏକ ଅଧ୍ୟୟନ ସମ୍ପର୍କରେ ଗବେଷଣା କରିନାହାନ୍ତି । କାଳିନ୍ଦୀ ଚରଣଙ୍କ କଥା ସାହିତ୍ୟକୁ କିଛି ମାତ୍ରାରେ ଗବେଷଣା କରାଯାଇଛି ଓ ନରେନ୍ଦ୍ର ମୋଦିଙ୍କ କବିତା ଗ୍ରନ୍ଥକୁ ବିଭିନ୍ନ ଭାଷାରେ ଅନୁବାଦ କରାଯାଇଛି । ଶାସ୍ତ୍ରୀୟ ଓଡ଼ିଆ ଭାଷାରେ ଏହି ଦୁଇ କବିଙ୍କର କାବ୍ୟଜଗତର ଅଧ୍ୟୟନ (ସନ୍ଦର୍ଭ) –ଓଡ଼ିଆ ବାଣୀ ଭଣ୍ଡାରକୁ ଏକ ଅମୂଲ୍ୟ ସନ୍ଦର୍ଭ ହୋଇ ରହିବ ।

## ଅଧ୍ୟାୟ ଭିତିକ ସାର ସଂଯୋଗ:-

ଉକ୍ତ ସନ୍ଦର୍ଭଟି କିପରି ରଚିତ ହେବ ଓ ତାହାର ବିଷୟ ପିଣ୍ଡର ଅନୁକ୍ରମିଣିକା କ'ଣ ହେବ ତାହା ଆପାତତଃ ଏଥିରେ ବର୍ଣ୍ଣିତ ହୋଇଅଛି । ଏଥି ସହିତ ଦୁଇ କବିଙ୍କର କାବ୍ୟଙ୍କ ସାରସତ୍ୱ କୃତିକୁ ସମୀକ୍ଷା କରିବା ଏହି ଉଚ୍ଚତାର ଗବେଷଣାର ମୂଳ ଲକ୍ଷ୍ୟ ଅଟେ

ଲବ୍ଧପ୍ରତିଷ୍ଠିତ ସାହିତ୍ୟିକ ପଦ୍ମଭୂଷଣ ଡକ୍ଟର କାଳିନ୍ଦୀଚରଣ ପାଣିଗ୍ରାହୀ ନିଜର ସୃଜନଧର୍ମୀ ଗଦ୍ୟ ଓ ପଦ୍ୟ ରଚନା ପାଇଁ ସୁପରିଚିତ । ସେ ଜଣେ ଜୀବନଧର୍ମୀ ସାହିତ୍ୟିକ । ସମୟର ପ୍ରଭାବ ଓ ଘଟଣାକୁ ଅନୁସରଣ କରି ତାଙ୍କ ସୃଷ୍ଟିରୂପ ପରିଗ୍ରହ କରିଥିଲେ ମଧ୍ୟ ଶାଣିତ ମାନବବାଦୀ ଆଭିମୁଖ୍ୟ ଦୃଷ୍ଟିରୁ ଏହା ବହୁଳ ଭାବରେ ସାର୍ଥକ ବୋଲି କହିବାକୁ ହେବ । ଓଡ଼ିଆ ସାହିତ୍ୟକୁ ମାନବିକତାର ନୂତନ ଅନ୍ତର୍ଦୃଷ୍ଟି ଦେଇଥିବା କାଳିନ୍ଦୀଚରଣ ଜଣେ କାଳଜୟୀ ସାଧକ ।

ସବୁଜ ଚେତନାର ଜଣେ ସର୍ବଶ୍ରେଷ୍ଠ ବିଦ୍ଧାଣୀ ପଦ୍ମଭୂଷଣ କାଳିନ୍ଦୀଚରଣ ବିଂଶ ଶତକର ପ୍ରାରମ୍ଭରୁ ଦୀର୍ଘ ନବେ ବର୍ଷର ଜୀବନଯାତ୍ରାର ଏକ ଉଜ୍ଜ୍ୱଳୀୟ ସାରସତ ଉଦ୍ଧାରଣ ଓ ବହୁମୁଖୀ ସାରସତ ପ୍ରତିଭା ।

ତାଙ୍କର ସୃଷ୍ଟି ସମ୍ଭାର ଉଭୟ ଗୁଣାତ୍ମକ ଓ ପରିଣାମାତ୍ମକ ଦୃଷ୍ଟିରୁ ବିପୁଳ । ସେ ଏକାଧାରାରେ ଜଣେ କବି, ଔପନ୍ୟାସିକ, ଗାଳ୍ପିକ, ପ୍ରାବନ୍ଧିକ, ଗୀତିକାର, ଜୀବନୀ ଲେଖକକାର, ପାଠ୍ୟପୁସ୍ତକର ରଚୟିତା ଓ ନାଟ୍ୟକାର ଭାବରେ ଓଡ଼ିଆ ସାହିତ୍ୟରେ ନିଜର ସାକ୍ଷର ବହନ କରିଛନ୍ତି ।

୧୯୦୧ ମସିହା ଜୁଲାଇ ମାସ ୨ ତାରିଖରେ କାଳିନ୍ଦୀଚରଣଙ୍କ ଜନ୍ମ ହୋଇଥିଲା ପୁରୀ ଜିଲ୍ଲା ବିଶ୍ୱନାଥପୁର ଶାସନ ଗ୍ରାମରେ । ତାଙ୍କ ପିତା ସପ୍ତେଶ୍ୱର ପାଣିଗ୍ରାହୀ ଥିଲେ ଜଣେ ଆଦର୍ଶ ଶିକ୍ଷକ । ପିତା ସପ୍ତେଶ୍ୱର ଓ ଦୁଇଭାଇ ଦିବ୍ୟସିଂହ ଓ ଭଗବତୀଚରଣ ଦୁର୍ବାର ସାହିତ୍ୟିକ ଥିଲେ । ବାଲ୍ୟ ଜୀବନରେ କାଳିନ୍ଦୀଚରଣ ପରିବାର ସହିତ ତତ୍‌କାଳୀନ ଅନେକ ବିଶିଷ୍ଟ ସାହିତ୍ୟିକ ବ୍ୟକ୍ତିତ୍ୱଙ୍କ ସହିତ ସମ୍ପର୍କ ଯୋଗୁଁ କାଳିନ୍ଦୀଚରଣଙ୍କ ସାହିତ୍ୟପ୍ରୀତି ସୃଷ୍ଟି ହୋଇଥିଲା ।

ଘରେ ଓ ବାହାରେ କାଳିନ୍ଦୀଚରଣ ଥିଲେ ଜଣେ ମାନବତାବାଦୀ ସାହିତ୍ୟିକ । ତାଙ୍କର ସୃଜନ ଜୀବନ କିପରି ତାଙ୍କୁ ଜଣେ ଓଡ଼ିଆ ସାହିତ୍ୟର କାଳଜୟୀ ସାଧକ ରୂପେ ଗଢ଼ିତୋଳିଛି, ତାହା ଆଲୋଚ୍ୟ ପ୍ରବନ୍ଧରେ ବିଚାରକୁ ନିଆଯାଇଅଛି ।

କାଳିନ୍ଦୀଚରଣ ପାଣିଗ୍ରାହୀ ଜାତୀୟ ସ୍ତରରେ ଜଣେ ପ୍ରତିଭାଧର ବ୍ୟକ୍ତିତ୍ୱ । ସମଗ୍ର ଭାରତବର୍ଷରେ ତାଙ୍କର ପ୍ରତିଷ୍ଠା ରହିଅଛି । ଜଣେ ପ୍ରତିଷ୍ଠିତ ସାହିତ୍ୟିକ ଭାବରେ ଓଡ଼ିଆ ଭାଷା ଓ ସାହିତ୍ୟକୁ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ପ୍ରତିପାଦନ କରାଇବା ତାଙ୍କର ଲକ୍ଷ୍ୟ ଥିଲା । ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟ, କେନ୍ଦ୍ର ସାହିତ୍ୟ ଅକାଦେମିର ପ୍ରଥମ ଓଡ଼ିଆ ଫେଲୋ ଥିଲେ । ତାଙ୍କର ସାରସ୍ୱତ ପ୍ରତିଭା ପାଇଁ ସେ ଭାରତର ମହାମହିମ ରାଷ୍ଟ୍ରପତିଙ୍କ ଠାରୁ ପଦ୍ମଭୂଷଣ ଉପାଧି ପାଇଥିଲେ । ସମଗ୍ର ସାରସ୍ୱତ କୃତି ପାଇଁ ସମ୍ବଲପୁର ବିଶ୍ୱବିଦ୍ୟାଳୟରୁ ସମ୍ମାନସୂଚକ ଡକ୍ଟରେଟ୍ ଉପାଧିପ୍ରାପ୍ତ ।

କେବଳ ଗଳ୍ପ କାହିଁକି 'ମାଟିର ମଣିଷ', 'ଲୁହାର ମଣିଷ', 'ମୁକ୍ତାଗଡ଼ର କ୍ଷୁଧା' ଭଳି ଉପନ୍ୟାସ ଲେଖି ଓଡ଼ିଶାର ସୁଧୀପାଠକଙ୍କ ପ୍ରଶଂସାଭାଜନ ହୋଇପାରିଥିବା କାଳିନ୍ଦୀଚରଣ ଯଥାର୍ଥରେ ଜଣେ ସାରସ୍ୱତ ଯୁଗପୁରୁଷ ଭାବରେ ଆଜିବି ପ୍ରତ୍ୟେକ ସାହିତ୍ୟ ପ୍ରେମୀଙ୍କ ପାଇଁ ନମସ୍ୟ । କବିତା, ପ୍ରବନ୍ଧ, ନାଟକ କ୍ଷେତ୍ରରେ ତାଙ୍କ ପ୍ରଭୂତ ଅବଦାନ କାହାରିକୁ ଅବିଦିତ ନୁହେଁ । ନିଃସ୍ୱ ମଣିଷର ଅକୃତ୍ରିମ ଜୀବନଶୈଳୀ ସାଙ୍ଗକୁ ସରଳ ନିଷ୍ପାପ ପଲ୍ଲୀ ଜୀବନର ମାର୍ମିକ ଅଭିବ୍ୟକ୍ତି ମୁଖ୍ୟତଃ ତାଙ୍କ ସୃଷ୍ଟି କର୍ମର ଅନ୍ତଃସ୍ୱର, ମାନବିକତା ପୃଷ୍ଠଭୂମିରେ କାଳିନ୍ଦୀଚରଣ ଦୁନିଆକୁ ଖୁବ୍ ନିକଟରୁ ଦେଖିଛନ୍ତି ଓ ନିଜର ବଳିଷ୍ଠ ଲେଖନୀରେ ସତ୍ୟ-ଶିବ-ସୁନ୍ଦରର ନିଆରାପଣକୁ ଗୁଣୀ ଜନସାଧାରଣଙ୍କୁ ଭେଟି ଦେଇଛନ୍ତି ।

ପଦ୍ମଭୂଷଣ କାଳିନ୍ଦୀଚରଣଙ୍କ ସାହିତ୍ୟକୃତି ଯଥାର୍ଥରେ କାଳଜୟୀ । କାଳିନ୍ଦୀଚରଣ ଥିଲେ ସବୁଜଗୋଷ୍ଠୀର ଜଣେ ପ୍ରମୁଖ ସଦସ୍ୟ । ତାଙ୍କ ବ୍ୟତୀତ ବୈକୁଣ୍ଠନାଥ, ଅନ୍ନଦାଶଙ୍କର, ଶରତଚନ୍ଦ୍ର, ହରିହର ମହାପାତ୍ର ସବୁଜଗୋଷ୍ଠୀର ଅନ୍ୟ ସଦସ୍ୟ ଥିଲେ । କଟକର ଆଭିଜାତ ସରକାରୀ ରେଭେନ୍ସା କଲେଜରେ ସେ ବି.ଏ. ପଢୁଥିବାବେଳେ ପୂର୍ବ ଛାତ୍ରାବାସର ଅନ୍ତେବାସୀ ଥିଲେ । ସେହି ସମୟରେ ସେ ଏହି ସ୍ମରଣୀୟ ସବୁଜଗୋଷ୍ଠୀ ଗଠନ କରିଥିଲେ । ସବୁଜଗୋଷ୍ଠୀର ଆନୁକୂଲ୍ୟରେ ସେମାନେ 'ଯୁଗବାଣୀ' ତଥା 'ଅବକାଶ' ସାହିତ୍ୟ ପତ୍ରିକା ପ୍ରକାଶ କରୁଥିଲେ ।

କାଳିନ୍ଦୀଚରଣ ସମବାୟ ସମିତିରେ ସରକାରୀ ଚାକିରି କରୁଥିଲେ  ସତ, କିନ୍ତୁ ତାଙ୍କ ମନରେ ସେତେବେଳେ ସର୍ବହରାମାନଙ୍କ ପ୍ରତି ସଶ୍ରଦ୍ଧ ମାର୍କ୍ସବାଦୀ ଚିନ୍ତାଧାରା ଭରି ଯାଇଥିଲା । ହୁଏତ ଯାହାର ପ୍ରତିବଦ୍ଧ ଅଭିବ୍ୟକ୍ତି କାଳିନ୍ଦୀଚରଣଙ୍କ ଅନେକ ସୃଷ୍ଟିରେ ପରିଲକ୍ଷିତ ହୁଏ ।

କାଳିନ୍ଦୀଚରଣ ଅତି ଶୈଶବରୁ ହିଁ ଅତ୍ୟନ୍ତ ସପ୍ନପ୍ରବଣ ଥିଲେ । ସପ୍ନ ନଥିଲେ କାହାର ଜୀବନ ସୃଜନଶୀଳ ହୁଏନା । ତାଙ୍କ ପିତା ସପ୍ନେଶ୍ୱର ପାଣିଗ୍ରାହୀଙ୍କ ସ୍ମୃତିରେ ସେ ତାଙ୍କ ବାସଗୃହର ନାମ - 'ସପ୍ନପୁରୀ' ରଖିଥିଲେ । ମହାନ୍ ସାରସତ ପୁରୁଷ ପଦ୍ମଭୂଷଣ ଡକ୍ଟର କାଳିନ୍ଦୀଚରଣ ପାଣିଗ୍ରାହୀ ସେହି 'ସପ୍ନପୁରୀ'ରେ ବାଣୀସାଧନା କରୁଥିଲେ । 'ସପ୍ନପୁରୀ' ଥିଲା ଯେପରି କାଳିନ୍ଦୀଚରଣଙ୍କ ସୁଦୀର୍ଘ ସାରସତ ଜୀବନ ପାଇଁ ଏକ ସାଧନା କକ୍ଷ ।

ସବୁଜଯୁଗର ସାହିତ୍ୟିକମାନେ ବିଶ୍ୱକବି ରବୀନ୍ଦ୍ରନାଥ ଠାକୁରଙ୍କ ପ୍ରଭାବ ଦ୍ୱାରା ବିଶେଷ ଭାବରେ ପ୍ରଭାବିତ ହୋଇଥିଲେ ହେଁ ସେମାନେ ଅନ୍ତର୍ଜାତୀୟ ଭାବଚେତନା ପ୍ରତି ଅଧିକ ସଶ୍ରଦ୍ଧ ଥିଲେ । କାଳିନ୍ଦୀଚରଣଙ୍କ ସାହିତ୍ୟ ତାଙ୍କ ଅନ୍ତର୍ଜାତୀୟ ଚେତନା ଓ ବିଶ୍ୱଦୃଷ୍ଟିର ପ୍ରତିବଦ୍ଧ ଅଭିବ୍ୟକ୍ତି ଥିଲା । ସେ ତାଙ୍କ ଦୀର୍ଘ ସାହିତ୍ୟିକ ଜୀବନକୁ ଏକ ଆନ୍ଦୋଳନରେ ପରିଣତ କରିପାରିଥିଲେ । ତେଣୁ ତାଙ୍କର କାବ୍ୟକୃତି, ଶୁଦ୍ଧ ଏକ କଳାକୃତି ମାତ୍ର ନୁହେଁ, ତାହା ବୀର ସମାଜ ଓ ସମୟର ନାନାବିଧ ସମସ୍ୟା ଓ ଆହ୍ୱାନର ସାରସତ ଇସ୍ତାହାର ।

କାଳିନ୍ଦୀଚରଣ- ଓଡ଼ିଆ ଭାଷା ଓ ସାହିତ୍ୟର ପ୍ରତ୍ୟେକ ବିଭାଗରେ କଲମ ଚାଳନା କରି ନିଜକୁ ଜଣେ ଅନ୍ତର୍ଜାତୀୟ ସ୍ତରର ପ୍ରତିଷ୍ଠିତ ସାହିତ୍ୟିକ ଭାବରେ ପରିଚିତ କରାଇପାରିଥିଲେ । କାଳିନ୍ଦୀଚରଣ ଥିଲେ ଏକାଧାରାରେ ଜଣେ କବି, ଗାଳ୍ପିକ, ଔପନ୍ୟାସିକ, ନାଟ୍ୟକାର, ପ୍ରାବନ୍ଧିକ ଓ ସମାଲୋଚକ ତଥା ଜୀବନୀ ଲେଖକ । ଓଡ଼ିଆ ସାହିତ୍ୟ ଜଗତରେ ଜଣେ ସୁପରିଚିତ ସାରସତ ପୁରୁଷ ।

କାଳିନ୍ଦୀଚରଣଙ୍କ କବିତାଗୁଡ଼ିକ ମୁଖ୍ୟତଃ ସୈରବାଦୀ ତଥା ସବୁଜ ଆଦର୍ଶର ହୋଇଥିଲେ ହେଁ କବିତା ରଚନା କରିବା ପାଇଁ ତାଙ୍କ ଚେତନା ଓ ମନୋଭୂମି ଭିନ୍ନ ଭିନ୍ନ ସମୟରେ ଭିନ୍ନ ଭିନ୍ନ ହୋଇଛି । ତାଙ୍କ କବିତାରେ ରୋମାଣ୍ଟିକ୍ ଚେତନା, ଶୈଶବ ପ୍ରତି ସମ୍ମୋହନ, ପ୍ରକୃତି ପ୍ରୀତି, ଗଭୀର ପଲ୍ଲୀ ସଂପ୍ରୀତି, ମାନବତାବାଦ ତଥା ରହସ୍ୟବାଦୀ ଅସୀମ ଉନ୍ମୁଖତା ପରିଲକ୍ଷିତ ହୁଏ ।

ତାଙ୍କର 'ମହାଦ୍ୱୀପ', 'ମନେନାହିଁ', 'କ୍ଷଣିକ ସତ୍ୟ' ଓ 'ଛୁରିଟିଏ ଲୋଡ଼ା' କବିତା ସଂକଳନରେ ତାଙ୍କ ସାମସମୟିକ ଅନ୍ୟାନ୍ୟ ସବୁଜ ବନ୍ଧୁମାନଙ୍କ ପରି କିଛି ବୈଦେଶିକ ପ୍ରଭାବ ପରିଲକ୍ଷିତ ହୁଏ ।

ତାଙ୍କର 'କ୍ଷଣିକ ସତ୍ୟ' କବିତାଗ୍ରନ୍ଥ ଯାହା ଅନ୍ୟତମ ପ୍ରମୁଖ ସବୁଜ କବି ବୈକୁଣ୍ଠନାଥ ପଟ୍ଟନାୟକଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗୀକୃତ ହୋଇଅଛି । ସେଥିରେ ମଧ ସେହି ଶୈଶବର ଦିନ ସବୁକୁ କବି ତାଙ୍କର ଉତ୍ତର ଜୀବନରେ ଭାଳି ହୋଇଛନ୍ତି । ସେ ଜୀବନ ବିଷୟରେ ତାଙ୍କ ଶୈଶବରେ ଯେପରି ସବୁ ମଣିଷଙ୍କ ପରି ଅଶେଷ ସପ୍ନ ଦେଖିଛନ୍ତି  ଅଥଚ ଜୀବନରେ ତାହା ସତ ହୋଇ ନାହିଁ । ସବୁ ମଣିଷଙ୍କ ଜୀବନ ବୋଧେ ଏହିପରି । ଶୈଶବର ସପ୍ନ ହିଁ ସେ ଜୀବନକୁ ଏତେ ମଧୁମୟ

ଓ ରହସ୍ୟମୟ କରିଥାଏ । ଆଗରେ ପଡ଼ିଥିବା ଜୀବନକୁ ସେ କଳ୍ପନା କରେ । 'କ୍ଷଣିକସତ୍ୟ' କବିତା ଗ୍ରନ୍ଥର ଅଧିକାଂଶ କବିତା ତାଙ୍କ କଳ୍ପନା ବିଳାସ ରୋମାଣ୍ଟିକ୍ ଅନୁଭବର ପରିଚୟ ଦିଏ ।

କାଳିନ୍ଦୀଚରଣ ସବୁଜ କବିମାନଙ୍କ ମଧ୍ୟରେ ଏପରି ଜଣେ କବି ଯେ ତାଙ୍କ କବିତାରେ ନିଜକୁ ଅଧିକ ବ୍ୟକ୍ତ କରିପାରିଛନ୍ତି । କାଳିନ୍ଦୀଚରଣଙ୍କ ଦର୍ଶନ, ସାମାଜିକ ତଥା ରାଜନୈତିକ ଆଦର୍ଶ ଓ ଜୀବନ ଦୃଷ୍ଟି ତାଙ୍କ କବିତାରୁ ସହଜରେ ବାରି ହୋଇପଡ଼େ । ତାଙ୍କର ପ୍ରକୃତି ତଥା ଗ୍ରାମ୍ୟ ଜୀବନ ପ୍ରୀତି ସହିତ ଶୈଶବ ପ୍ରତି ସମ୍ମୋହନ ତାଙ୍କ କବିତାମାନଙ୍କରେ ନାନା ଭାବରେ ପ୍ରତୀକିତ ହୋଇଛି ।

କାଳିନ୍ଦୀଚରଣଙ୍କ କବି ବ୍ୟକ୍ତିତ୍ୱର ସବୁକିଛି ପରିଚୟର ଊର୍ଦ୍ଧ୍ୱରେ, ସେ ଥିଲେ ଏକାନ୍ତ ଜୀବନବାଦୀ କବି ।

କାଳିନ୍ଦୀଚରଣ ଜଣେ ବିଶିଷ୍ଟ କଥାଶିଳ୍ପୀ, ଯାହାଙ୍କର ଉଭୟ ଗଳ୍ପ ଓ ଉପନ୍ୟାସ ସମଗ୍ର ଓଡ଼ିଆ ସାହିତ୍ୟରେ ବିଶେଷ ସ୍ୱୀକୃତି ଲାଭ କରିଛି । ଓଡ଼ିଆ ଗଳ୍ପଧାରାରେ କାଳିନ୍ଦୀଚରଣଙ୍କ 'ମାଂସର ବିଳାପ' ଗଳ୍ପଟି ଯେପରି ଅନନ୍ୟ, ଓଡ଼ିଆ ଉପନ୍ୟାସ ଧାରାରେ ତାଙ୍କର 'ମାଟିର ମଣିଷ' ଉପନ୍ୟାସଟି ସେହିପରି ଅନୁପମ । ୧୯୩୧ ମସିହାରେ କାଳିନ୍ଦୀଚରଣଙ୍କ ପ୍ରସିଦ୍ଧ 'ମାଟିର ମଣିଷ' ଉପନ୍ୟାସ ପ୍ରକାଶିତ ହୁଏ । 'ମାଟିର ମଣିଷ' ଉପନ୍ୟାସ ବ୍ୟତୀତ କାଳିନ୍ଦୀଚରଣଙ୍କ ଆହୁରି ଚାରିଖଣ୍ଡ ଉପନ୍ୟାସ ପ୍ରକାଶିତ ହୋଇଥିଲା । ସେଗୁଡ଼ିକ ଥିଲା- 'ଅମରଚିତା' (୧୯୩୩), 'ମୁକ୍ତାଗଡ଼ର କ୍ଷୁଧା' (୧୯୩୭), 'ଲୁହାର ମଣିଷ' (୧୯୪୭), 'ଆଜିର ମଣିଷ' (୧୯୫୬) ।

କାଳିନ୍ଦୀଚରଣଙ୍କ ଉପନ୍ୟାସ ସବୁ ଭାରତୀୟ ଜାତୀୟ ଆନ୍ଦୋଳନ ତଥା ସାମାଜିକ ଜାଗରଣ ପରିପ୍ରେକ୍ଷୀରେ ଓଡ଼ିଆ ଯୌଥ ପରିବାରକୁ ଚିତ୍ରଣ କରିଅଛି । ଓଡ଼ିଶାର ଗତ ଏକଶହ ବର୍ଷର ରାଜନୀତିକ, ସାମାଜିକ ଓ ସାଂସ୍କୃତିକ ଜୀବନର ଚିତ୍ର ତାଙ୍କର ଉପନ୍ୟାସରେ ପ୍ରକଟିତ ହୋଇଅଛି । ଭାରତୀୟ ମୁକ୍ତି ଆନ୍ଦୋଳନ, କୃଷିଭିତ୍ତିକ ଓଡ଼ିଶାର ସାମାଜିକ ଜୀବନ, ଗଡ଼ଜାତ ଶାସନ ବ୍ୟବସ୍ଥାରେ କିଛି ଶୋଷଣ ଅତ୍ୟାଚାରର ଚିତ୍ର ସହିତ ଓଡ଼ିଶାର ଦୁର୍ଭିକ୍ଷ ବିଷୟ କାଳିନ୍ଦୀଚରଣଙ୍କ ଉପନ୍ୟାସରେ ବର୍ଣ୍ଣିତ ପ୍ରସଙ୍ଗ ।

କାଳିନ୍ଦୀଚରଣଙ୍କ 'ମାଟିର ମଣିଷ' ଉପନ୍ୟାସ ସମୟ ଓ ସମାଜର ପୁଣି ମଣିଷ ଆତ୍ମାର ଯେଉଁ ସଙ୍କେତ ବହନ କରିଅଛି, ସେ ଦୃଷ୍ଟିରୁ ତାକୁ ଏକ ମହାକାବ୍ୟିକ ଉପନ୍ୟାସ ବୋଲି ବର୍ଣ୍ଣନା କରାଯାଇପାରେ ।

'ମାଟିର ମଣିଷ' ଉପନ୍ୟାସ ଏକ ଚମତ୍କାର ମାନବୀୟ ଭାବ ସମ୍ପର୍କ ଓ ସମ୍ବନ୍ଧଭିତ୍ତିକ ଉପନ୍ୟାସ । 'ମାଟିର ମଣିଷ'ର କାହାଣୀ-ପିଣ୍ଡଟି ଭାରି ଆପଣାର ମନେହୁଏ ଓ ପାଠକର ପରିଚିତ ଅନୁଭୂତିକୁ ଛୁଏଁ । ଶାମ ପ୍ରଧାନର ବଡ଼ପୁଅ ବରଜୁ ପ୍ରଧାନ ଓ ସାନପୁଅ ଛକଡ଼ି । ବରଜୁ ପ୍ରଧାନର ସ୍ତ୍ରୀ ହାରାବୋଉ ତା'ର ପୁଅଝିଅ, ଛକଡ଼ିର ସ୍ତ୍ରୀ ନେତ୍ରମଣି, ଶ୍ୟାମବନ୍ଧୁ ପରିବାର । ବୁଢ଼ା ମଲାବେଳେ ବଡ଼ପୁଅ ବରଜୁ ପ୍ରଧାନକୁ ସାନପୁଅକୁ ଦେଖାଚାହାଁ କରିବା ପାଇଁ କହିଯାଇଥିଲା ଓ ସେ ଯେପରି ଜମିକୁ ଓ ଘରକୁ ଭାଗ ଭାଗ ନ କରେ ସେମିତି ଅନୁରୋଧଟିଏ ମଧ୍ୟ କରିଥିଲା । ବରଜୁ ବୁଢ଼ାବାପାର ଏହି ଶେଷ ଅନୁରୋଧଟିକୁ ନିଜ ଜୀବନରେ ପାଳନ କରିଥିଲା । ଗାଁରେ ଘରେ ଭାଇ ଭାଇ ମଧ୍ୟରେ ଯେପରି ଜମିବାଡ଼ିକୁ ନେଇ କଳି ଉପୁଜେ ସେହିପରି କଳି ଉପୁଜାଇଛନ୍ତି- ସାନଭାଇ ଛକଡ଼ି ଓ ତା'ର ସ୍ତ୍ରୀ ନେତ୍ରମଣି । ନେତ୍ରମଣି

ହାରାବୋଉ ଆଦୌ ସହିପାରି ନାହିଁ । ଅଥଚ ଛକଡ଼ି ଏଥିରେ ସାଧମତେ ମୌନ ହୋଇ ରହୁଛି । ଛକଡ଼ିର ନିରବତା ଦେଖି ନେତ୍ରମଣି ବିଚଳିତ ହୋଇପଡ଼ିଛି । ଶେଷରେ ବଡ଼ଭାଇ ବରଜୁ ବାପାଙ୍କୁ ଦେଇଥିବା କଥା ରକ୍ଷାକରି ସମସ୍ତ ସଂପତ୍ତିକୁ ସାନଭାଇ ଛକଡ଼ିକୁ ଦେଇ ଗାଁ ଛାଡ଼ି ଚାଲିଯାଇଥିଛି ।

ଆଧୁନିକ ଓଡ଼ିଆ କ୍ଷୁଦ୍ରଗଳ୍ପ ରଚନା କ୍ଷେତ୍ରରେ କାଳିନ୍ଦୀଚରଣଙ୍କ ଅବଦାନ କିଛି କମ୍ ନୁହେଁ । 'ଦ୍ୱାଦଶୀ', 'ରାଶିଫଳ', 'ସାଗରିକା' ଗଳ୍ପଗ୍ରନ୍ଥ ତାଙ୍କୁ ଓଡ଼ିଶାର ଅଗଣିତ ପାଠକ, ପାଠିକାଙ୍କ ପାଖରେ ପରିଚିତ କରାଇଛି । ତାଙ୍କ ଗଳ୍ପରେ ମୁଖ୍ୟତଃ ପାଠକ ପ୍ରଗତିବାଦୀ ସ୍ୱରକୁ ଲକ୍ଷ୍ୟ କରେ । କାଳିନ୍ଦୀଚରଣ ଯେପରି ଜଣେ ବିଶିଷ୍ଟ ମାନବବାଦୀ ଶିଳ୍ପୀ, ସେହିଭଳି ଜଣେ ସମାଜ ସଚେତନ ସାହିତ୍ୟ ସ୍ରଷ୍ଟା । କିଛି ସମାଜ ସଂସ୍କାର ଚେଷ୍ଟା ମଧ୍ଯ ସେ ଗଳ୍ପ ଜରିଆରେ କରିଛନ୍ତି ।

କାଳିନ୍ଦୀଚରଣ ଥିଲେ ସେହିଭଳି ଗ୍ରାମ୍ୟଜୀବନ ଚିତ୍ରଣରେ ଜଣେ ବିଶିଷ୍ଟ ଗାଳ୍ପିକ । ତାଙ୍କର ଅଧିକାଂଶ ଗଳ୍ପରେ ସେହି ସାଧାରଣ ମଣିଷର କଥାହିଁ କୁହାଯାଇଛି ।

'ମାଂସର ବିଳାପ' ଗଳ୍ପ ତାଙ୍କର ସବୁଠାରୁ ଶକ୍ତିଶାଳୀ ଗଳ୍ପ । ଏହା ଦେଶ-ବିଦେଶରେ ବହୁ ଭାଷାରେ ଅନୁବାଦ ହୋଇଅଛି । ଅନେକଙ୍କ ଶ୍ରଦ୍ଧା ଓ ସ୍ୱୀକୃତି ଲାଭ କରିଅଛି । ଗଳ୍ପଟି ଗୋଟିଏ ଇଂରାଜୀ ଗ୍ରେହାଉଣ୍ଡ କୁକୁର ଡୋରା ଓ ଜଲି ବୋଲି ଗୋଟିଏ କୃଷ୍ଣସାର ମୃଗଶାବକ ମଧ୍ୟରେ ନିବିଡ଼ ପ୍ରେମର କଥା କୁହାଯାଇଛି । ପଶୁ ମଧ୍ୟରେ ଏତେ ସ୍ନେହ, ବନ୍ଧୁତା, ଏତେ ନିବିଡ଼ ମମତାବୋଧକୁ ଦେଖି ମଣିଷର ଆଖି ଲୋତକାପ୍ଲୁତ ହୁଏ । ଏହି ଗଳ୍ପର ଆବେଦନ ପାଠକର ହୃଦୟକୁ ଏତେ ଗଭୀର ଭାବରେ ସ୍ପର୍ଶ କରେ ଯେ- ପାଠକ ନ କାନ୍ଦି ରହିପାରେ ନାହିଁ ।

କାଳିନ୍ଦୀଚରଣଙ୍କ 'ମାଟିର ମଣିଷ' ଉପନ୍ୟାସ ପରି 'ମାଂସର ବିଳାପ' ଗଳ୍ପଟିକୁ ମଧ୍ଯ ଚଳଚ୍ଚିତ୍ର ରୂପ ଦିଆଯାଇଛି । ସମଗ୍ର ଭାରତରେ ଏହାର ଯଥେଷ୍ଟ ଲୋକପ୍ରିୟତା ଅର୍ଜ୍ଜନ କରିପାରିଅଛି । ଏହା ଭାରତରେ କାହିଁକି -ବିଶ୍ୱସାହିତ୍ୟର ଯେ କୌଣସି ଉଚ୍ଚକୋଟୀର ଗଳ୍ପ ସହିତ ତୁଳନୀୟ ।

କବି, ଗାଳ୍ପିକ, ଔପନ୍ୟାସିକ କାଳିନ୍ଦୀଚରଣ ମଧ୍ଯ ଜଣେ ବିଶିଷ୍ଟ ପ୍ରାବନ୍ଧିକ । ସମଗ୍ର ଓଡ଼ିଆ ପ୍ରବନ୍ଧ ସାହିତ୍ୟର ଉତ୍ତରଣ ଇତିହାସରେ ଅନନ୍ତ ପ୍ରେମ, ମହାସ୍ରୋତ, ଯୌବନର ପ୍ରଭାବ ପ୍ରତିଷ୍ଠା ଆଦି ଉନ୍ନତମାନର ପ୍ରବନ୍ଧ ପରି କାଳିନ୍ଦୀଚରଣଙ୍କ-ତ୍ୟାଗ ଓ ପ୍ରେମ, ସତ୍ୟ-ଶିବ-ସୁନ୍ଦର, ବେଗହିଁ ଉନ୍ନତିର ଲକ୍ଷଣ, ବିଶ୍ୱରୂପ ଦର୍ଶନ ଆଦି ପ୍ରବନ୍ଧ ଯଥେଷ୍ଟ ଲୋକପ୍ରିୟ । ସେ ନିଜର ବୁଦ୍ଧି ଓ ବିଚାରକୁ ନାନା ଭାବରେ ନିଜ ପ୍ରବନ୍ଧାବଳୀ ଜରିଆରେ ପ୍ରକଟନ କରିଛନ୍ତି ।

କାଳିନ୍ଦୀଚରଣ ଜଣେ ସାରସ୍ୱତ ଶିଳ୍ପୀ ଭାବରେ ନିଜ ଜୀବନର ଅଭିଜ୍ଞତା, ନିଜର ଶାସ୍ତ୍ରଦର୍ଶିତା ଓ ନିଜର ସୂକ୍ଷ୍ମ ପର୍ଯ୍ୟବେକ୍ଷଣକୁ ତାଙ୍କ ପ୍ରବନ୍ଧମାନଙ୍କରେ ପ୍ରକାଶ କରିଛନ୍ତି । କାଳିନ୍ଦୀଚରଣ ତାଙ୍କ ଆଲୋଚନାମୂଳକ ପ୍ରବନ୍ଧଗୁଡ଼ିକରେ ନିଜର ସାରସ୍ୱତ ଅଭୀପ୍ସା ଓ ବିଶ୍ୱାସ ସବୁକୁ ରୂପାୟିତ କରିଛନ୍ତି ।

କାଳିନ୍ଦୀଚରଣଙ୍କ ସର୍ବଶ୍ରେଷ୍ଠ ପ୍ରବନ୍ଧ 'ତ୍ୟାଗ ଓ ପ୍ରେମବନ୍ଧନ'ରେ ତ୍ୟାଗପୂତ ପ୍ରେମର ସ୍ୱରୂପ ବିଷୟରେ ଆଲୋଚନା କରିଅଛନ୍ତି । ପ୍ରତିଟି ମଣିଷର ପ୍ରେମ ପାଶ୍ଚାତ୍ୟରେ ତ୍ୟାଗର ପ୍ରବଣତା ବିଦ୍ୟମାନ । ତ୍ୟାଗ ନାହିଁ ତ ପ୍ରେମ ନାହିଁ । ଆପଣାକୁ ଭଲପାଇ କେହି ଅନ୍ୟକୁ ପ୍ରେମ କରିପାରେ

ନାହିଁ । ଏହି ତ୍ୟାଗପୂତ ପ୍ରେମର ବହୁ ଚିତ୍ର ପ୍ରାବନ୍ଧିକ କାଳିନ୍ଦୀଚରଣ ତାଙ୍କ 'ତ୍ୟାଗ ଓ ପ୍ରେମ' ପ୍ରବନ୍ଧରେ ପ୍ରଦାନ କରିଛନ୍ତି । ପିଆର (ଚରରଙ୍କ) ର ଜୀବନ କଥା ଭିତରେ ପ୍ରାବନ୍ଧିକ ତ୍ୟାଗ ଓ ପ୍ରେମର ଆପେକ୍ଷିକ ସମ୍ପର୍କକୁ ଆଲୋଚନା କରିଛନ୍ତି । ନାରୀ ପୁରୁଷକୁ କିପରି ଅସୀମ କରି ଦେଖିଛି ଓ ବିଶ୍ୱମୟ କରିପାରିଛି ଓ ନାରୀର ଅର୍ଘ୍ୟ ଏହି ତ୍ୟାଗ ଓ ପ୍ରେମ ରୂପରେ କିପରି ସୁବାସିତ ହୋଇପାରିଛି, ତା'ର ମନୋଜ୍ଞ ବ୍ୟାଖ୍ୟା ଉକ୍ତ ପ୍ରବନ୍ଧରେ ପ୍ରକଟିତ ।

ପ୍ରାବନ୍ଧିକ କାଳିନ୍ଦୀଚରଣ ତାଙ୍କ ପ୍ରବନ୍ଧ ରଚନା ଜରିଆରେ ବିଶ୍ୱସାହିତ୍ୟର ସାହିତ୍ୟିକମାନଙ୍କୁ ଓଡ଼ିଆ ପାଠକଙ୍କ ନିକଟରେ ପରିଚିତ କରାଇଅଛନ୍ତି, ଯାହା ତାଙ୍କ ବିଶ୍ୱଦୃଷ୍ଟି ତଥା ଆନ୍ତର୍ଜାତିକ ଚେତନାର ପରିଚୟ ଦିଏ ।

କାଳିନ୍ଦୀଚରଣ ଯେପରି ଜଣେ କବି, ଓଡ଼ିଆ କଥା ସାହିତ୍ୟ ଧାରାରେ ସେହିପରି ଜଣେ ପ୍ରଖ୍ୟାତ କଥାଶିଳ୍ପୀ, ଜଣେ ପ୍ରାବନ୍ଧିକ ସମାଲୋଚକ ଭାବେ ପୁଣି ତାଙ୍କର ଯେଉଁ ସ୍ୱୀକୃତି ରହିଛି ସେହିପରି ଜଣେ ସଫଳ ନାଟ୍ୟକାର ତଥା ଏକାଙ୍କିକା ଲେଖକ ଭାବରେ ମଧ୍ୟ ତାଙ୍କର ପ୍ରତିଭା ଚିହ୍ନିତ ।

'ପ୍ରିୟଦର୍ଶୀ' କାଳିନ୍ଦୀଚରଣଙ୍କ ରଚିତ ଏକ ସଫଳ ଐତିହାସିକ ନାଟକ । ଅଶୋକଙ୍କ ଜୀବନ ରୂପାୟିତ ହୋଇଥିବା ଏହାକୁ ଏକ ଚରିତ ନାଟକ ବୋଲି କୁହାଯାଇପାରେ । ବୁଦ୍ଧଙ୍କର ଅହିଂସା ବାଣୀ ପ୍ରଚାର କରିବା ପାଇଁ ଅଶୋକ ଯେଉଁ ଉତ୍ସର୍ଗର ପରାକାଷ୍ଠା ପ୍ରଦର୍ଶନ କରିଛନ୍ତି ତାହାହିଁ ନାଟକର ମୁଖ୍ୟ ବିଷୟବସ୍ତୁ । ଏତଦ୍‌ଭିନ୍ନ ରାଜା ଅଶୋକଙ୍କ ଆଦର୍ଶ ତଥା ପ୍ରଜାପାଳନ ନୀତି ଉକ୍ତ ନାଟକରେ ପ୍ରଖ୍ୟାପିତ ।

ରାଧାଗୁପ୍ତ, ଗଣଭଟ୍ଟ, କୁନାଳ, ସଂଘମିତ୍ରା, ନିହାରୀକା, ତୁଳସୀ, ଜୟପାଳ ଆଦି ଚରିତ୍ର ଏହି ପ୍ରିୟଦର୍ଶୀ ନାଟକରେ ପରିଲକ୍ଷିତ ହୋଇଅଛି । ଭାରତ ଇତିହାସର ବୁଦ୍ଧଙ୍କ ବାଣୀ ପ୍ରଚାର କରିବା ପାଇଁ ଶେଷରେ ଜଣେ ଦୁର୍ଦ୍ଦାନ୍ତ ରାଜା କିପରି ଏକାନ୍ତ ଆତ୍ମୋତ୍ସର୍ଗ କରି ଯାଇଛନ୍ତି ତାହାହିଁ ଏଠାରେ ନାଟକୀୟ ଭାବରେ ବର୍ଣ୍ଣିତ ହୋଇଅଛି ।

ବାସ୍ତବିକ୍ 'ପ୍ରିୟଦର୍ଶୀ' ଏକ ସଫଳ ନାଟକ । ଯେଉଁଥିରେ ଚଣ୍ଡାଶୋକ ଅଶୋକ, ଧର୍ମାଶୋକରେ ପରିଣତ ହେବା ବିଷୟଟି ବର୍ଣ୍ଣିତ ହୋଇଅଛି । ନାଟକଟିକୁ ତାହାର ଐତିହାସିକ ବିଷୟବସ୍ତୁ ଦୃଷ୍ଟିରୁ ଯେତେ ବିଚାର କରି ହେବନି ସେତେ ବେଶି ନାଟ୍ୟକାର କାଳିନ୍ଦୀଚରଣଙ୍କ ଭାବାଦର୍ଶ ପ୍ରବଣତାକୁ ପ୍ରତ୍ୟକ୍ଷ କରିହେବ ।

କାଳିନ୍ଦୀଚରଣ ଓଡ଼ିଶାର ଜଣେ ବିଶିଷ୍ଟ ଭାବବାଦୀ ସମାଲୋଚକ । ତାଙ୍କ ସାହିତ୍ୟ ସମାଲୋଚନା ବସ୍ତୁତଃ ଏପ୍ରିସିଏସନ୍ ପର୍ଯ୍ୟାୟଭୁକ୍ତ । ନିଜର ସପ୍ରଶଂସ ଆତ୍ମଭାବ ମୁଖ୍ୟତଃ ତାଙ୍କ ସମାଲୋଚନାରେ ପ୍ରକଟିତ ହୋଇଅଛି ।

କାଳିନ୍ଦୀଚରଣ ଜଣେ ସୃଜନଶୀଳ ସମାଲୋଚନାର ଲେଖକ । ବିଶ୍ୱକବି ରବିନ୍ଦ୍ରନାଥଙ୍କ ନିବନ୍ଧମାଳା ପରି ନିଜର ସାହିତ୍ୟିକ ମତ ଓ ମନ୍ତବ୍ୟକୁ ତାଙ୍କର ସାହିତ୍ୟ ଆଲୋଚନାମୂଳକ ପ୍ରବନ୍ଧରେ

ଲିପିବଦ୍ଧ କରିଯାଇଛନ୍ତି । କାଳିନ୍ଦୀଚରଣ ଉଭୟ ଗଦ୍ୟ ଓ ପଦ୍ୟ ରଚନାରେ କୃତିତ୍ୱ ପ୍ରଦର୍ଶନ କରିଅଛନ୍ତି । ସେ ଗଦ୍ୟ ଓ ପଦ୍ୟରେ ବିପୁଳ ସାହିତ୍ୟ ସୃଷ୍ଟି କରିଛନ୍ତି । ସବୁ ପ୍ରାୟ ସଫଳ ଓ ସୁଖପାଠ୍ୟ ହୋଇଅଛି ।

ଓଡ଼ିଆ ସାହିତ୍ୟର ସୁଦୀର୍ଘ ପରମ୍ପରାରେ ବିଷୟ ବର୍ଣ୍ଣନା କରି କାଳିନ୍ଦୀଚରଣ ତାଙ୍କ 'ଓଡ଼ିଆ ସାହିତ୍ୟ ପରମ୍ପରା' ଶୀର୍ଷକ ପ୍ରବନ୍ଧରେ ଲେଖିଛନ୍ତି- "ସବୁ ଯୁଗରେ ସାହିତ୍ୟ ହେଲା ସମାଜର ଦର୍ପଣ । ସାହିତ୍ୟ ଭିତରେ ଆମେ ସମାଜର ମୁହଁ ଦେଖୁ । ସମାଜ ଉଚ୍ଚ ସ୍ତରରେ ଥିବାବେଳେ ଉଚ୍ଚ ସାହିତ୍ୟ ସୃଷ୍ଟି ହୁଏ ।"

କାଳିନ୍ଦୀଚରଣ 'ମଥୁରାମଙ୍ଗଳ ସମାଲୋଚନା' ତଥା 'ଭକ୍ତକବି ମଧୁସୂଦନ' ଶୀର୍ଷକ ଦୁଇଟି ସାହିତ୍ୟ ଆଲୋଚନାମୂଳକ ପ୍ରବନ୍ଧ ରଚନା କରିଅଛନ୍ତି ।

କାଳିନ୍ଦୀଚରଣ ବହୁଦର୍ଶୀ ସାହିତ୍ୟ ସ୍ରଷ୍ଟା, କବି, ଗାଳ୍ପିକ ଓ ଔପନ୍ୟାସିକ ଭାବରେ ତାଙ୍କ ପାଠକ ପାଠିକାଙ୍କ ସପକ୍ଷରେ ଯେପରି ପ୍ରତିଷ୍ଠିତ, ଜଣେ ସାହିତ୍ୟ ସମାଲୋଚକ ଭାବରେ ମଧ୍ୟ ସେହିପରି ସୁପରିଚିତ ।

କାଳିନ୍ଦୀଚରଣଙ୍କ ସୁଦୀର୍ଘ ଜୀବନର ଅତିକ୍ରାନ୍ତ ବୟସରେ ରଚିତ- 'ଅଙ୍ଗେ ଯାହା ନିଭାଇଛି' ଗ୍ରନ୍ଥରେ ରୂପାୟିତ ହୋଇଛି । ଅଙ୍ଗେ ଯାହା ନିଭାଇଛି- ଗ୍ରନ୍ଥଟି କାଳିନ୍ଦୀଚରଣଙ୍କ ଅତ୍ମଚରିତ ବା ଆତ୍ମଜୀବନୀ ଗ୍ରନ୍ଥ । ତାଙ୍କର ଏହି ଆତ୍ମଜୀବନଟି ପ୍ରଥମେ 'କଳନା' ପତ୍ରିକାରେ ଧାରାବାହିକ ଭାବରେ ପ୍ରକାଶିତ ହୋଇ ଆସୁଥିଲା । ଏହାକୁ ନିୟମିତ ତଥା ପୁସ୍ତକ ଆକାରରେ ପ୍ରକାଶିତ କରିବାକୁ ଅନେକ ବନ୍ଧୁ ଓ ଶୁଭେଚ୍ଛୁ କାଳିନ୍ଦୀଙ୍କୁ ପତ୍ର ଲେଖି ଜଣାଇଥିଲେ ।

ତାଙ୍କର ସାହିତ୍ୟିକ ତଥା ଚାକିରି ଜୀବନରେ ଘଟିଥିବା ବହୁ ଘଟଣାବଳିକୁ ତାଙ୍କ ଆତ୍ମଜୀବନୀରେ ବର୍ଣ୍ଣନା କରିଅଛନ୍ତି ।

ସର୍ବୋପରି କାଳିନ୍ଦୀଚରଣଙ୍କ ଆତ୍ମଜୀବନୀ 'ଅଙ୍ଗେଯାହା ନିଭାଇଛି' ତତ୍‌କାଳୀନ ସାମାଜିକ ବ୍ୟବସ୍ଥା ଓ ତାଙ୍କର କର୍ମମୟ ଜୀବନର ସତ୍ୟନିଷ୍ଠ ପରିଚୟ ଦିଏ । ସାହିତ୍ୟର ସବୁ ବିଭାଗରେ ଲେଖନୀ ଚାଳନା କରି ଜଣେ ସଫଳ ସ୍ରଷ୍ଟାର ପରିଚୟ ଦେବା ସଙ୍ଗେ ସଙ୍ଗେ ଓଡ଼ିଆ ସାହିତ୍ୟର ବିଭିନ୍ନ ଦିଗକୁ ସମୃଦ୍ଧ କରି ସତନ୍ତ୍ର ସ୍ଥାନର ଅଧିକାରୀ ହୋଇଛନ୍ତି କାଳିନ୍ଦୀଚରଣ ।

ସମୟର କାଳଚକ୍ରରେ ସବୁକିଛି ଲୀନ ହୋଇଯାଇଥାଏ । ମାତ୍ର କାଳିନ୍ଦୀଚରଣ ଓଡ଼ିଆ ସାହିତ୍ୟର ଜଣେ କାଳଜୟୀ ସାଧକ ଭାବରେ ଅମର ହୋଇ ରହିଅଛନ୍ତି । ତାଙ୍କର ପାର୍ଥିବ ଶରୀର ୧୯୯୧ ମସିହା ମେ ମାସ ୧୪ ତାରିଖରେ ସମଗ୍ର ଧରାପୃଷ୍ଠରୁ ଚିରବିଦାୟ ହୋଇଅଛି ସତ୍ୟ ମାତ୍ର ତାଙ୍କୁ କାଳଜୟୀ କରିପାରିଅଛି ଓଡ଼ିଆ ସାହିତ୍ୟ ଜଗତରେ ଗୁଜୁରାଟ ସାହିତ୍ୟର କବି ନରେନ୍ଦ୍ର ମୋଦି ଜଣେ ସଫଳ ସାରସ୍ୱତ ସାଧକ । ସେ ଯେପରି ଜଣେ କବି, ଗାଳ୍ପିକ, ସମାଲୋଚକ, ତାଙ୍କ କାବ୍ୟମାନସକୁ ଓଡ଼ିଆ ସାହିତ୍ୟର କବି କାଳିନ୍ଦୀଚରଣ ପାଣିଗ୍ରାହୀଙ୍କ କାବ୍ୟମାନସରେ ତୁଳନାତ୍ମକ କରାଯାଇପାରିବ ନାହିଁ । କାରଣ- କବି କାଳିନ୍ଦୀଚରଣ ସାଧୀନତା ପୂର୍ବବର୍ତ୍ତୀ କବି । କବି ନରେନ୍ଦ୍ର ମୋଦି ସାଧୀନତା

ପରବର୍ତ୍ତୀ କବି ଅଟନ୍ତି । ମାତ୍ର ସେମାନଙ୍କର କାବ୍ୟ ମାନସର ଏକ ସାମାଜିକ ପ୍ରତିଫଳନକୁ ଏକ ଗବେଷଣାତ୍ମକ ସନ୍ଦର୍ଭ କରାଯାଇପାରିବ । ଆଧୁନିକ ସମାଜରେ ଦୁଇ କବିଙ୍କ କାବ୍ୟସୃଷ୍ଟି କିପରି ସାମାଜିକ ଜୀବନରେ ପ୍ରତିଫଳିତ ହୋଇଅଛି । ତାହାକୁ କାବ୍ୟମାନସର ଉତ୍ତରୋତ୍ତର ଆଲୋଚନାତ୍ମକ ବର୍ଣ୍ଣନା କରାଯାଇପାରିବ ।

ଗୁଜୁରାଟୀ ସାହିତ୍ୟର ଜଣେ ସଫଳ ସ୍ରଷ୍ଟା- ନରେନ୍ଦ୍ର ମୋଦି । ବାପା- ଦାମୋଦର ଦାସ ମୋଦି ଓ ମା' ହୀରାବେନ ଦେବୀଙ୍କ ସୁଯୋଗ୍ୟ ସନ୍ତାନ । ଗୁଜୁରାଟ ପ୍ରଦେଶର ବଡ଼ନଗର ସହରରେ ୧୭ ସେପ୍ଟେମ୍ବର ୧୯୫୦ ମସିହାରେ ଜନ୍ମିତ । ଗରିବ ପରିବାରରେ ଜନ୍ମିତ ମୋଦି ଜୀବନରେ ବହୁ ଘାତ ପ୍ରତିଘାତ ଅତିକ୍ରାନ୍ତକରି ଜଣେ ସାରସ୍ୱତସାଧକ ଓ ସଫଳ ରାଜନେତା ଭାବରେ ଭାରତବର୍ଷରେ ସୁପ୍ରତିଷ୍ଠିତ । ମୋଦି ଜଣେ କବି, ଗାଳ୍ପିକ, ସମାଲୋଚକ ଭଳି ଅନେକ ପୁସ୍ତକର ସ୍ରଷ୍ଟା । ନିଜର କାବ୍ୟମାନସରେ ଗୁଜରାଟୀ ସାହିତ୍ୟ ଜୀବନ୍ତ ପରିସ୍ଫୁଟିତ ହୋଇଅଛି । ତାଙ୍କର ମନର ବେଦନାକୁ ସେ କବିତା ମାଧ୍ୟମରେ ପରିପ୍ରକାଶ କରିଅଛନ୍ତି ।

ସାରସ୍ୱତ ସାଧକ ନରେନ୍ଦ୍ର ମୋଦି ନିଜର ସୃଷ୍ଟିମାନସରେ ଜନଗଣଙ୍କ ସମସ୍ୟାକୁ ତଥା ନିଜ ଜୀବନଯାତ୍ରାକୁ ପରିପ୍ରକାଶ କରି ଜନତାଙ୍କ ସେବାରେ ନିୟୋଜିତ । ଗୁଜୁରାଟର ମୁଖ୍ୟମନ୍ତ୍ରୀ ତଥା ବର୍ତ୍ତମାନ ଭାରତର ଜନପ୍ରିୟ ପ୍ରଧାନମନ୍ତ୍ରୀ ପଦବୀରେ ଅଧିଷ୍ଠିତ । ଭାରତବର୍ଷର ପ୍ରଧାନସେବକ ଭାବରେ ନରେନ୍ଦ୍ରମୋଦି କାର୍ଯ୍ୟରତ । ସମୟର କାଳଚକ୍ରରେ ସେ ସାରସ୍ୱତସାଧନାକୁ ଭୁଲି ପାରିନାହାନ୍ତି ।

ଗୁଜୁରାଟୀ ସାହିତ୍ୟର ଜଣେ ସଫଳସ୍ରଷ୍ଟା ନରେନ୍ଦ୍ର ମୋଦି । ସେ ଯେପରି ଜଣେ ସୃଷ୍ଟିଶୀଳ ଲେଖକ, ସେହିପରି ଜଣେ ଦରଦୀ କବି । ଏକାଧାରରେ ସେ ଜଣେ କବି, ଗାଳ୍ପିକ ଓ ସମାଲୋଚକ । ତାଙ୍କର ୨ଗୋଟି- କବିତା ସଂକଳନ- ଏ ଜର୍ଣ୍ଣିଂ, ଆଖଁ ଆଁ ଧନ୍ୟ ସେ (ଧନ୍ୟ ଏହି ଆଖି); ଗୋଟିଏ ଗଳ୍ପସଂକଳନ- ପ୍ରେମତୀର୍ଥ ଓ ସମାଲୋଚନାଧର୍ମୀ ପୁସ୍ତକ- ସଂଘର୍ଷ ମା ଗୁଜୁରାଟ । ଏକ ଇଂରାଜୀ ପୁସ୍ତକ- ଉକ୍ଷଭଙ୍କରଭସରଭସ୍ତ୍ର ବମସ୍ତ୍ରସକ୍ଷଭ- ଏଙ୍କହଙ୍ଙ୍କକ୍ଷବସ୍ତ୍ର'ସ୍ତ୍ର କ୍ଷରସ୍ତ୍ରକ୍ଷକ୍ଷଭସ୍ତ୍ରର ସ୍ତ୍ରକ୍ଷ ମଷବଷଷବଭଶର କ୍ଷଲ ମଷସଙ୍କବସ୍ତ୍ରର ମଷବଭଶର.

ଜବି ନରେନ୍ଦ୍ର ମୋଦିଙ୍କ ୨ଗୋଟି କବିତା ସଂକଳନ "ଏ ଜର୍ଣ୍ଣି", "ଧନ୍ୟ ଏଇ ଆଖି"- ଗୁଜୁରାଟ ସାହିତ୍ୟ ନୁହେଁ ଭାରତୀୟ ସାହିତ୍ୟର ଏକ ଅମୂଲ୍ୟ ଗ୍ରନ୍ଥ କହିଲେ ଅତ୍ୟୁକ୍ତି ହେବନାହିଁ ।

କବି ନରେନ୍ଦ୍ର ମୋଦିଙ୍କ- କବିତା ସଂକଳନ- "ଏ ଜର୍ଣ୍ଣି", ମୋଦିଙ୍କ ଜୀବନଯାତ୍ରାର ଏକ କାହାଣୀଭରା କବିତା ସଂକଳନ । ମୋଦି ନିଜର ମାତୃଭାଷା ଗୁଜୁରାଟର ତାଙ୍କ ଜୀବନରେ ଘଟିଯାଇଥିବା ବିଭିନ୍ନ ଘଟଣାବଳୀକୁ ସେ ତାଙ୍କର କବିତା ମାଧ୍ୟମରେ ପରିପ୍ରକାଶ କରିଅଛନ୍ତି । ତାଙ୍କ ସ୍ୱର, ଦୂରଦୃଷ୍ଟି, ତଥା ଚିନ୍ତନ ତାଙ୍କ କବିତା ଗୁଡ଼ିକରେ ପରିସ୍ଫୁଟିତ ।

ନରେନ୍ଦ୍ର ମୋଦିଙ୍କ ପ୍ରିୟ ସାଙ୍ଗ ରବିମନ୍ଥା - ଗୁଜୁରାଟୀ ଭାଷାର ପୁସ୍ତକ- "ଏ ଜର୍ଣ୍ଣିଂ" କୁ ଇଂରାଜୀ ଭାଷାରେ ଅନୁବାଦ କରିଅଛନ୍ତି । ଏହି ଅନୁବାଦ ଇଂରାଜୀ ପୁସ୍ତକ "ଏ ଜର୍ଣ୍ଣିଂ" ମୋଦିଙ୍କ କାବ୍ୟମାନସକୁ ବିଶ୍ୱସାହିତ୍ୟରେ ଜନମାନସଙ୍କ ନିକଟରେ ପହଞ୍ଚାଇ ପାରିଛନ୍ତି ।

ଅଧ୍ୟାପକ ପ୍ରଫେସର ଡକ୍ଟର ସୁବାଷ ନାୟକ- ନରେନ୍ଦ୍ର ମୋଦିଙ୍କ କବିତା ସଂକଳନ "ଏ ଜର୍ଣ୍ଣି"କୁ ଇଂରାଜୀ ଭାଷାରୁ ଶାସ୍ତ୍ରୀୟ ଓଡ଼ିଆ ଭାଷାରେ ଅନୁବାଦ କାର୍ଯ୍ୟ କରୁଅଛି । ଯାହାକି ବିଶ୍ୱଜଗତର ଓଡ଼ିଆ ଭାଷା ପ୍ରେମୀମାନଙ୍କ ପାଖରେ ମୋଦିଙ୍କ କବିତାର ସ୍ୱର ପ୍ରତିଫଳିତ ହୋଇ ପାରିବ ।

'ଏ ଜର୍ଣ୍ଣି' କବିତାରେ ନରେନ୍ଦ୍ର ମୋଦି ତାଙ୍କର ବାଲ୍ୟଜୀବନ କିପରି ଦୁଃଖ ଓ ଯନ୍ତ୍ରଣାରେ ଅତିବାହିତ ହୋଇଛି ତାହାକୁ ସେ ତାଙ୍କର କବିତା ମାଧ୍ୟମରେ ଉପସ୍ଥାପନ କରିଅଛନ୍ତି ।

କବିତା ସଂକଳନ "ଏ ଜର୍ଣ୍ଣି" ର 'ଓ୍ୱିଇ ଟୁଗେଦର' କବିତାରେ ଏକତ୍ରିତ ହେଲେ ସବୁକାର୍ଯ୍ୟକୁ କିପରି ସହଜରେ କରିହେବ, ତାହା ଜଣାଇଛନ୍ତି ।

'ହୋପ' କବିତାରେ ସମସ୍ତ ମାନବର ଆଶାକୁ ନେଇ ଜୀବନ ଅତିବାହିତ କରିବାକୁ ଦୃଢ଼ସଂକଳ୍ପ ନେବାକୁ ଜନସାଧାରଣଙ୍କୁ ଆହ୍ୱାନ ଦେଇଛନ୍ତି ।

'ସର୍‌ପିଇପୁଲ' କବିତାରେ ମାନବ ଜାତି ସତ୍ୟତା ପାଇଁ ସଦାସର୍ବଦା ନିଜର ସ୍ୱରକୁ ଉଚ୍ଚା ରଖିବାକୁ ଦର୍ଶାଇଛନ୍ତି ।

'କାରଗିଲ' କବିତାରେ କବି ନରେନ୍ଦ୍ରମୋଦି ଭାରତୀୟ ଜବାନମାନେ ମାତୃଭୂମିର ଅଖଣ୍ଡତାକୁ ବଜାୟ ରଖିବା ପାଇଁ ନିଜ ଜୀବନକୁ ବଳିଦେବାକୁ ପ୍ରଶଂସା କରିଅଛନ୍ତି ।

'ଗର୍ବା ଡ୍ୟାନସ୍' କବିତାରେ କବି ଗୁଜୁରାଟର ପ୍ରମୁଖ ନୃତ୍ୟ 'ଗର୍ବା'କୁ ପ୍ରାଧାନ୍ୟ ଦେଇଛନ୍ତି । ଗୁଜୁରାଟୀ ତଥା ଭାରତୀୟ ଜନମାନସରେ କିପରି ସେହି ନୃତ୍ୟ ସୁଦୂରପ୍ରସାର ଲାଭକରିଛି । ତାହାକୁ ବର୍ଣ୍ଣନା କରିଅଛନ୍ତି ।

'ପ୍ରାଉଡ୍ ଅଫ୍ ହିନ୍ଦୁ' କବିତାରେ କବି ନରେନ୍ଦ୍ର ମୋଦି ଜଣେ ହିନ୍ଦୁ ଆଉ ମଧ୍ୟ ଜଣେ ଭାରତୀୟ ଭାବରେ ନିଜକୁ ଗର୍ବ ଅନୁଭବ କରିଅଛନ୍ତି । ଯାହାକି ତାଙ୍କର ମାନବସେବାକୁ ଅଧିକ ତ୍ୱରାନ୍ୱିତ କରିପାରିଅଛି ।

'ରିର୍ଭର ନର୍ମଦା'- କବି ମୋଦି, ଜଳକୁ ମା' ର ସମ୍ମାନ ଦେଇଛନ୍ତି ନଦୀ ଭାରତୀୟ ଜନମାନସର ଜୀବନରେଖା । ଏହାକୁ ବର୍ଣ୍ଣନା କରିଅଛନ୍ତି ।

'ଗର୍ଡ଼ଗ୍ରେସ' କବିତାରେ କବି ନରେନ୍ଦ୍ରମୋଦି ସବୁ କାର୍ଯ୍ୟରେ ଭଗବାନଙ୍କ ଆଶୀର୍ବାଦ ସମସ୍ତ କାର୍ଯ୍ୟକୁ ପୂର୍ଣ୍ଣାଙ୍ଗ କରିଥାଏ ବୋଲି ବିଷାଦ ଭାବରେ ବର୍ଣ୍ଣନା କରିଅଛନ୍ତି ।

'ପ୍ରାର୍ଥନା' କବିତାରେ - କବି ପ୍ରଭୁସତ୍ତାକୁ ଜାଣିବା ସହ ସତ୍ୟକୁ ବର୍ଣ୍ଣନା କରିଅଛନ୍ତି ।

'ଲଭ' କବିତାରେ କବି ମୋଦି ସମଗ୍ର ମାନବ ଜାତିକୁ ପ୍ରେମ ଆଧାରରେ ଏକ ବନ୍ଧନରେ ରହିବାକୁ ଗୁରୁତ୍ୱ ଆରୋପ କରିଅଛନ୍ତି ।

'ମାଇଣ୍ଡ ଆଏ ଥାର୍ଡ଼ ଆଏ' କବିତାରେ କବି ମନର ଭାବନାକୁ ତୃତୀୟ ଆଖିର ମର୍ଯ୍ୟାଦା ପ୍ରଦାନ କରିଅଛନ୍ତି ।

'ମଦର ଗିଭ ମି ଦ ସ୍ପିରିଟ୍' କବିତାରେ କବି ନରେନ୍ଦ୍ରମୋଦି ଜୀବନର ସତ୍ୟକୁ ଏକରାସ୍ତାଭାବରେ ବରଣ କରିଛନ୍ତି । ସେଥିପାଇଁ ମା' ଙ୍କୁ ଶକ୍ତି ଦେବାକୁ ନିବେଦନ କରିଅଛନ୍ତି ।

. 'ଟ୍ୟୁଆର୍ଡ଼ସ ଦ ଗୋଲ' କବିତାରେ କବି ମୋଦି ନିଜର ଜୀବନର ଲକ୍ଷ୍ୟକୁ ସିଦ୍ଧାନ୍ତ ନେଇ କଠୋର ପରିଶ୍ରମରେ ଜମ୍ପ ପ୍ରଦାନ କରି ଲକ୍ଷ୍ୟସ୍ଥଳରେ ପହଞ୍ଚିବା ପାଇଁ ଜନସାଧାରଣଙ୍କୁ ନିବେଦନ କରିଛନ୍ତି ।

'ବନ୍ଦେ ମାତରମ୍' କବିତାରେ କବି ମାତୃଭୂମି ଭାରତମାତାକୁ କୋଟି ପ୍ରଣାମ ସହ ପ୍ରଥମ ଭାରତୀୟ ସାଧୀନତା ସଂଗ୍ରାମ ୧୮୫୭ ପାଇକ ବିଦ୍ରୋହ କଥା ସ୍ମରଣ କରିଅଛନ୍ତି ।

'ଲଭ୍ ଇଜ୍ ଷ୍ଟେନେଥ' କବିତାରେ କବି ମୋଦି ପ୍ରେମ କିପରି ମଣିଷକୁ ସର୍ବକାର୍ଯ୍ୟରେ ପରାକ୍ରମଶାଳୀ କରିଥାଏ, ତାହାକୁ ବର୍ଣ୍ଣନା କରିଅଛନ୍ତି ।

ବାସ୍ତବିକ କବି ନରେନ୍ଦ୍ର ମୋଦି ନିଜର କାବ୍ୟମାନସରେ ସାମାଜିକ ପ୍ରତିଫଳନକୁ ସୁନ୍ଦର ଭାବରେ ଉପସ୍ଥାପନ କରିପାରିଛନ୍ତି । ତାଙ୍କର ଅନେକ କବିତା ଆଧୁନିକ ସମାଜରେ ଦୈନିକ ଜୀବନରେ ଜନସାଧାରଣଙ୍କର କାର୍ଯ୍ୟକୁ ପ୍ରଭାବିତ କରିଥାଏ କହିଲେ ଅତ୍ୟୁକ୍ତି ହେବନାହିଁ । ତାଙ୍କର କବିତା ଗୁଡ଼ିକ ଜନମାନସରେ ପ୍ରତିଫଳିତ ସହିତ ଅଧୁନା ସମାଜରେ ଗଭୀର ରେଖାପାତ କରିଅଛି । ସେ ରାଜନୈତିକ ଉଚ୍ଚପଦବୀରେ ଥାଇ ମଧ୍ୟ (ଗୁଜୁରାଟ ମୁଖ୍ୟମନ୍ତ୍ରୀ ତଥା ବର୍ତ୍ତମାନ ଭାରତର ପ୍ରଧାନମନ୍ତ୍ରୀ) ତାଙ୍କର କବିତାଗୁଡ଼ିକରେ ସେ ପ୍ରଶାସନିକ ମାଧ୍ୟମରେ ରୂପାନ୍ତରିତ କରି ସାମାଜିକ ପ୍ରତିଫଳନ ହୋଇଛି କହିଲେ ଅତ୍ୟୁକ୍ତି ହେବ ନାହିଁ ।

ଗୁଜୁରାଟୀ କବି ନରେନ୍ଦ୍ରମୋଦିଙ୍କ ଅନ୍ୟ ଏକ କବିତା ସଂକଳନ 'ଆଖ ଆଁ ଧନ୍ୟ ଛେ' ୬୭ ଗୋଟି କବିତାକୁ ନେଇ ଗୁଜୁରାଟୀ ଭାଷାରେ ୨୦୦୭ ମସିହାରେ ପ୍ରକାଶିତ ହୋଇଅଛି । ତାଙ୍କ କବିତାଗୁଡ଼ିକରେ ମୋଦି ଜଣେ ନିତିନିଷ୍ଠ ରାଷ୍ଟ୍ରଭକ୍ତ, ସତ୍ୟବାଦୀ, ପ୍ରେମଭକ୍ତିର ଆରାଧକ ଓ ମହାନ ସାଧକର ସମନ୍ୱିତ ସ୍ୱରୂପ ଦେଖିବାକୁ ମିଳେ । ନରେନ୍ଦ୍ର ମୋଦିଙ୍କ କବିତାଗୁଡ଼ିକ ହୃଦୟସ୍ପର୍ଶୀ, ବାସ୍ତବଧର୍ମୀ ଓ ମାନବର୍ତ୍ତାର ବାର୍ତ୍ତାବହ । ମୋଦିଙ୍କ ସ୍ୱଚ୍ଛ ରାଜନୀତି, ବିନମ୍ରତା, ଦେଶପ୍ରେମ ଓ ଭାବପ୍ରବଣତା ତାଙ୍କ ସାହିତ୍ୟ ସାଧନାରେ ମଧ୍ୟ ସୁସ୍ପଷ୍ଟ ।

ମୋଦି ପ୍ରକୃତ ଅର୍ଥରେ ନେତା, ଜନନାୟକ, ଜଳପରି ପାରଦର୍ଶୀକ ହେବାପରେ ମୋଦିଜୀ ବିଶ୍ୱାସ ରଖନ୍ତି- ତାଙ୍କ ରଚିତ 'ପାରଦର୍ଶୀକ' କବିତା ଏହାର ଜ୍ୱଳନ୍ତ ଉଦାହରଣ । ମୋଦି ଏଭଳି ଏକ ବ୍ୟକ୍ତିତ୍ୱ, ସେ ନିଜପାଇଁ କିଛି ମାଗିନାହାଁନ୍ତି । ସେ ଦେବୀ ମା' ଙ୍କୁ ଦେବୀତ୍ୱର କୃପାଭିକ୍ଷା ମାଗୁଛନ୍ତି । ତାଙ୍କର କବିତା ମା' ମୋତେ ଦେବତ୍ୱ ଦେବୁ । ଏହା ସହଜରେ ବାରି ହୋଇପଡ଼େ ।

କବି ନରେନ୍ଦ୍ରମୋଦିଙ୍କ 'ସ୍ୱାଭିମାନ' ଓ 'ଏଭଳି ମଣିଷ' କବିତାରେ ମୋଦି ସତ୍ୟର ମହତ୍ତ୍ୱ ପ୍ରତିପାଦନ କରନ୍ତି । ସତ୍ୟକୁ ଅମର ସ୍ୱାଭିମାନ ବୋଲି ସେ ସ୍ୱୀକାର କରନ୍ତି ।

'ଛତ୍ରଛାୟା' କବିତାରେ ବିଫଳତା ଓ ସଫଳତାର ଉଦାହରଣ ଦେଇ ଜନମାନସକୁ ଆଲୋଡ଼ନ କରିଥାଏ ।

'ଫଟର ଆର ପଟେ' କବିତାରେ କବି କର୍ମ ହିଁ ଜୀବନ, ସେ ଏଭଳି ସନ୍ଦେଶ ଜନସାଧାରଣଙ୍କୁ ପ୍ରଦାନ କରିଅଛନ୍ତି ।

'ଆଶା' କବିତାରେ କବି ମୋଦି, ନିଜକୁ ସର୍ବଦା ଆଶାବାଦୀ ବୋଲି ବର୍ଣ୍ଣନା କରିଅଛନ୍ତି । ଆଶା ବିନା ମଣିଷ ଜୀବନ ପୂର୍ଣ୍ଣାଙ୍ଗ ହୋଇ ପାରିବନାହିଁ ବୋଲି ସେ କହିଛନ୍ତି ।

'ଆଜି' କବିତାରେ କବି ନରେନ୍ଦ୍ର ମୋଦି ଅତୀତ ଓ ଅନିଶ୍ଚିତ ଭବିଷ୍ୟତର ସୁନେଲୀ ଆଶାକୁ ନେଇ ବର୍ତ୍ତମାନଙ୍କୁ ଭାଙ୍ଗିଦେବା ବା ଛାରଖାର କରିଦେବା, ସେ ମୋର ବିରୋଧ ବୋଲି ବର୍ଣ୍ଣନା କରିଅଛନ୍ତି ।

'ଜଣାନାହିଁ- କବିତାରେ - ସବୁବେଳେ ଉତ୍ତମ ପ୍ରଶାସନ ଓ ସ୍ୱଚ୍ଛ ଶାସନର କଥା କହୁଥିବା ମୋଦି ନିଜର ରଚନା କର୍ମରେ ମଧ୍ୟ ସଙ୍କେତ ପ୍ରଦାନ କରିଅଛନ୍ତି । ତାହା ତାଙ୍କର ଏହି କବିତାରେ ସୁସ୍ପଷ୍ଟ । ଏହି କବିତା ମିଥ୍ ଉପରେ ଆଧାରିତ ହେଲେ ବି ଉତ୍ତମ ପ୍ରଶାସନର ବାର୍ତ୍ତା ବହନ କରେ ।

'ଗୌରବ' କବିତାରେ କବି ମୋଦିଙ୍କ ବିଚାରରେ ହିନ୍ଦୁସେବା ପାପ ନୁହେଁ ବରଂ ଗର୍ବର କଥା । ନିଜେ ହିନ୍ଦୁ ହୋଇଥିବାରୁ ସେ ଗର୍ବ ଅନୁଭବ କରନ୍ତି । ମଣିଷ ଓ ହିନ୍ଦୁତ୍ୱ ପ୍ରତି ରହିଥିବା ତାଙ୍କର ଭଲପାଇବା ଏହି କବିତାର ଆଧାରଶିଳା ।

'ଭଷ୍ଟାର ଅଭାବ' କବିତାରେ କବି ମୋଦି ମାନବ ସହିତ ପ୍ରେମର ପରଶ ବାଣ୍ଟିବାରେ ଯେ କି ଆନନ୍ଦ, ଏକଥା ମୋଦିଜୀଙ୍କ ଛଡ଼ା ଆଉ କେହି ଜାଣେ । ପ୍ରେମ ବିନା ମଣିଷ ପଙ୍ଗୁ ଓ ନାଚାର ହୋଇପଡ଼େ । ପରାଧିନତାର ଜୀବନ ବଞ୍ଚିବାକୁ ସେ ବାଧ୍ୟ ହୋଇଥାଏ । ଏହାହିଁ ତାଙ୍କ କବିତାର ନିର୍ଯ୍ୟାସ ।

'କ୍ରିୟାପଦ' ଓ 'ଏକଦର୍ଶୀଦିଗ' କବିତାରେ କବି ମୋଦି ଜଣେ ମହାନ ସାଧକ ଭାବରେ ଅଭିହିତ ହୋଇପାରିଛନ୍ତି । ଏହି କବିତା ଦ୍ୱୟରେ ତାଙ୍କର ମୁଖରିତ ଶୂନ୍ୟବାଦ ଓ ଯୋଗସାଧନା ବିଷୟକୁ ଦୃଷ୍ଟିକୋଣ, ଆମକୁ ପୁନଶ୍ଚ ତାଙ୍କୁ ଏକବିଂଶ ଶତାବ୍ଦୀର ମହାନ ସନ୍ଥ କରିବାକୁ ବାଧ୍ୟକରେ ।

ନରେନ୍ଦ୍ର ମୋଦି ତାଙ୍କର କବିତା ସଂକଳନ 'ଆଖଁ ଆଁ ଧନ୍ୟଛେ' କବିତାରେ ନିଜକଥା ଉଲ୍ଲେଖ କରିଅଛନ୍ତି- ମୋ ପଦମର୍ଯ୍ୟାଦାକୁ ଦେଖି ମୋ କବିତାକୁ ପାଠ କରନାହିଁ । ମୋ କବିତାରେ ମୋ ଅନୁଭୁତି ଓ କାବ୍ୟତ୍ୱ ଖୋଜିବାକୁ ଚେଷ୍ଟାକର ନିଶ୍ଚିତ ପାଇବ ।

ଏଭଳି ମହାନକବିଙ୍କ ବିଚାର ଆମ ସମସ୍ତଙ୍କ ପାଥେୟ ହେଇ କଲମ୍ବିଆ- ବିଶ୍ୱବିଦ୍ୟାଳୟର ପ୍ରଫେସର ଡକ୍ଟର ଅଞ୍ଜନା ସର୍ଦ୍ଦାର ଏହି କବିତା ପୁସ୍ତକଟିକୁ ହିନ୍ଦୀ ସାହିତ୍ୟରେ ଅନୁବାଦ କରିଛନ୍ତି ।

ଏହି କବିତାଟିକୁ ଶାସ୍ତ୍ରୀୟ ଓଡ଼ିଆ ଭାଷାରେ ଅନୁବାଦ କରିଛନ୍ତି ରେଭେନ୍‌ସା ବିଶ୍ୱବିଦ୍ୟାଳୟରେ - ହିନ୍ଦୀ ସାହିତ୍ୟର ପ୍ରଫେସରର ଡକ୍ଟର ସ୍ୱରପ୍ରିୟା ମିଶ୍ର ଓ ଡକ୍ଟର ଅମୂଲ୍ୟରତ୍ନ ମହାନ୍ତି ।

ଯାହାକି ଓଡ଼ିଆ ଭାଷା ପ୍ରେମୀଙ୍କ ମଧ୍ୟରେ ନରେନ୍ଦ୍ର ମୋଦିଙ୍କ କାବ୍ୟମାନସ ପ୍ରତିଫଳିତ ହୋଇ ରହିବ ।

ବାସ୍ତବିକ ଗୁଜୁରାଟୀ ସାହିତ୍ୟର କବି ନରେନ୍ଦ୍ର ମୋଦିଙ୍କ କାବ୍ୟମାନସର ସାମାଜିକ ପ୍ରତିଫଳନ ହୋଇପାରିଅଛି । ତାଙ୍କର ଅନେକ କବିତା ମାଧ୍ୟମରେ ସେ ସମାଜରେ ପରିବର୍ତ୍ତନ ପାଇଁ ସହଯୋଗ କରିଅଛନ୍ତି । କବି କବିତା ସଂକଳନ - 'ଏ ଜର୍ଣ୍ଣି' ଓ 'ଧନ୍ୟ ଏହି ଆଖି' ଅନେକ କବିତା ସାମାଜିକ ପରିବର୍ତ୍ତନ ଆଣିପାରିଅଛି । 'ଭସ୍ମାର ଅଭାବ'- କବିତାରେ ମୋଦି - ପ୍ରେମ ବିନା ବଞ୍ଚିବା ସମାଜରେ ନିରର୍ଥକ ତାହା ଆଧୁନିକ ସମାଜରେ ଗଭୀର ରେଖାପାତ କରିଅଛି ।

ଓଡ଼ିଆ ସାହିତ୍ୟର କବି- କାଳିନ୍ଦୀଚରଣ ପାଣିଗ୍ରାହୀ ଓ ଗୁଜୁରାଟୀ ସାହିତ୍ୟର କବି ନରେନ୍ଦ୍ର ମୋଦିଙ୍କ କାବ୍ୟମାନସର ସାମାଜିକ ପ୍ରତିଫଳନ । ଏହି ଗବେଷଣାତ୍ମକ ସନ୍ଦର୍ଭ ଓଡ଼ିଆ ସାହିତ୍ୟର ଏକ ଅମୂଲ୍ୟ ରତ୍ନ ହୋଇ ରହିବ । ଏଥିରେ ତିଳେମାତ୍ର ସନ୍ଦେହ ନାହିଁ । ପ୍ରଧାନମନ୍ତ୍ରୀ କବି ନରେନ୍ଦ୍ର ମୋଦି ତାଙ୍କର - କବିତା ସଂକଳନ - 'ଏ ଜର୍ଣ୍ଣି' ପାଇଁ ବିଶ୍ୱର ସର୍ବଶ୍ରେଷ୍ଠ ପୁରସ୍କାର ନୋବେଲ ସାହିତ୍ୟ ସମ୍ମାନ ପାଇଁ- ଭାରତୀୟ ସାହିତ୍ୟ ପାଇଁ ଗର୍ବ ଆଣିଦେବ ତାହା ଆଗାମୀ ଦିନରେ ବିଚାରଯୋଗ୍ୟ ।

**ପ୍ରଥମ ଅଧ୍ୟାୟ-**

କ) ଓଡିଆ ସାହିତ୍ୟର କବି କାଳିନ୍ଦୀ ଚରଣ ପାଣିଗ୍ରହୀଙ୍କ ସାଧାରଣ ଜୀବନ ।

ଖ) କବି କାଳିନ୍ଦୀଚରଣଙ୍କ କାବ୍ୟାଜଗତର ମୂଲ୍ୟାୟନ ।

**ଦ୍ୱତୀୟ ଅଧ୍ୟାୟ-**

କ) ଗୁଜୁରାଟୀ ସାହିତ୍ୟାର କବି ନରେନ୍ଦ୍ର ମୋଦିଙ୍କ ସାଧାରଣ ଜୀବନ

ଖ) କବି ନରେନ୍ଦ୍ରଙ୍କ କାବ୍ୟାଜଗତର ମୂଲ୍ୟାୟନ ।

ତୃତୀୟ ଅଧ୍ୟାୟ

କ) ଓଡିଆ ସାହିତ୍ୟାର କବି କାଳିନ୍ଦୀ ଚରଣ ଓ ଗୁଜୁରାଟୀ ସାହିତ୍ୟାର କବି ନରେନ୍ଦ୍ର ମୋଦିଙ୍କ କାବ୍ୟଜଗତର ଆଲୋଚନାତ୍ମକ ଏକ କାବ୍ୟକ ଉତୋରଣ ।

ଖ) କବି କାଳିନ୍ଦୀଚରଣ ଓ କବି ନରେନ୍ଦ୍ର ମୋଦିଙ୍କ କାବ୍ୟଜଗତ - ଏକ ଅଧ୍ୟୟନ

ଉପସଂହାର:-

ପଦ୍ମଭୂଷଣ କାଳିନ୍ଦୀଚରଣ ଙ୍କ ସାରସତ କୃତି ଯଥାର୍ଥରେ କାଳଜୟୀ । ତାଙ୍କର ସାରସତ ସାଧନା ପାଇଁ ସେ ବହୁ ଅନୁଷ୍ଠାନ ତରଫରୁ ପୁରସ୍କୃତ ଓ ସମ୍ମାନୀତ । ୧୯୭୩ ମସିହାରେ ତାଙ୍କର ଆତ୍ମଜୀବନୀ -ପୁସ୍ତକ- "ଅଙ୍ଗେ ଯାହା ନିଭାଇଛି" ପାଇଁ କେନ୍ଦ୍ର ସାହିତ୍ୟ ଏକାଡୋମୀ ପୁରସ୍କାର ପ୍ରାପ୍ତ ।ସେ ଥିଲେ ସାହିତ୍ୟ ଏକାଡେମୀର ପ୍ରଥମ ଓଡିଆ ଏକାଡେମୀ ଫେଲୋ । ବହୁଗ୍ରନ୍ଥର ପ୍ରଣେତା ବିଶିଷ୍ଟ ସାରସ୍ୱତପୁରୁଷ କାଳିନ୍ଦୀଚରଣ କେବଳ ଓଡିଶାର ନୁହଁନ୍ତି ସମଗ୍ର ଭାରତର ଜାତୀୟ ସାହିତ୍ୟ କ୍ଷେତ୍ରରେ ଜଣେ ଅତି ପରିଚିତ ଲେଖକ ଭାବରେ ପରିଚିତ୍ । ତାଙ୍କର ସାରସତ ସାଧନାପାଇଁ ଭାରତ ସରକାର ଙ୍କ ମହାମହିମ ରାଷ୍ଟ୍ରପତି ଙ୍କ ଠରୁ 'ପଦ୍ମଭୂଷଣ' ଉପାଧିରେଭୂଷିତ । ୧୯୭୭ ମସିହାରେ ସାର୍ଁସତ କ୍ଷେତ୍ରରେ ତାଙ୍କର ସାମାଗ୍ରିକ କୃତିତ୍ୱ ପାଇଁ ସମ୍ବଲପୁର ବିଶ୍ୱବିଦ୍ୟାଳୟ ତାଙ୍କୁ ସମ୍ମାନଜନକ ଡ଼କ୍ଟରେଟ୍ (ଡ଼ି.ଲିଟ୍.) ଉପାଧି ପ୍ରଦାନ କରିଥିଲେ ।

ଏହି ମହାନ ସାରସତସାଧକ କାଳିନ୍ଦୀଚରଣ ଙ୍କ ମହାପ୍ରଣୟ ଘଟିଥିଲା ମେ ମାସ ୨୪ ତାରିଖ ୧୯୯୧ ମସିହାରେ ।

ଗୁଜୁରାଟୀ ସାହିତ୍ୟର ପ୍ରଖ୍ୟାତ ସ୍ରଷ୍ଟା ମାନବବାଦୀ କବି ନରେନ୍ଦ୍ର ମୋଦି ଙ୍କ ଲେଖନୀୟ ଜୀବନ ବ୍ୟତିରୋକେ -ଏକ ରାଜନୈତିକ ଜୀବନ ଭାରତୀୟ ଗଣତନ୍ତ୍ରର ପ୍ରମୁଖ ପଦବୀ ପ୍ରଧାନମନ୍ତ୍ରୀ ଭାବରେ ଜନତାର ପ୍ରଧାନସେବକ । ଲେଖନୀୟ ଭାବନା ତାଙ୍କର ଶାସନ ତନ୍ତ୍ରରେ ପ୍ରତିଫଳିତ । ଭାରତୀୟ ଜନମାନସର ଅଦ୍ୱିତୀୟ ସମ୍ରାଟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କବି ପ୍ରାଣକୁ ଭାରତୀୟ ଜନମାନସ ତଥା ବିଶ୍ୱସାହିତ୍ୟରେ ପ୍ରତିଷ୍ଠିତ କରାଇବା ଏହି ଉଚ୍ଚତର ଗବେଷଣା ର ଲକ୍ଷ୍ୟ । ବିଶ୍ୱର ସର୍ବୋଚ୍ଚ ସାହିତ୍ୟ ସମ୍ମାନ ନୋବେଲ ପୁରସ୍କାର ପାଇବାକୁ କବି ନରେନ୍ଦ୍ର ମୋଦି ଯୋଗ୍ୟତମ ବ୍ୟକ୍ତି । ତାଙ୍କର କବିପ୍ରାଣକୁ ବିଶ୍ୱ ସାହିତ୍ୟରେ ପ୍ରତିଷ୍ଠିତ କରାଇବା ପାଇଁ ତାଙ୍କ କବିତା ସକଳନକୁ ଗୁଜୁରାଟୀ ଭାଷା, ଆର୍ନ୍ତଜାତୀୟ ଭାଷା ଇଂରାଜୀ, ରାଷ୍ଟ୍ରୀୟ ଭାଷା ହିନ୍ଦି, ଶାସ୍ତ୍ରୀୟ ଓଡ଼ିଆ ଭାଷାରେ ଅନୁବାଦ ସହିତ ତାଙ୍କ କବିତାକୁ ଉଚ୍ଚତର ଗବେଷଣା (ଡ଼ି.ଲିଟ୍.) ନିର୍ବନ୍ଧ ଲେଖି ବିଶ୍ୱବିଦ୍ୟାଳୟର ସର୍ବୋଚ୍ଚ ଡ଼ିଗ୍ରୀ ପ୍ରାପ୍ତ ହେବା ସହ ତାଙ୍କ କାବ୍ୟଜଗତର - ଏକ ଅଧ୍ୟୟନ, ଏହି ଗବେଷଣାର ମୂଳ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଅଟେ । ଯାହାକି ଦୁଇ ସାହିତ୍ୟ ଓଡ଼ିଆ ଭାଷା ଓ ଗୁଜୁରାଟୀ ଭାଷାର କବି ଦୁଇଙ୍କ କାବ୍ୟମାନସର ବାସ୍ତବିକ୍ ସାହିତ୍ୟ ପ୍ରାଣ ମଧ୍ୟରେ ସର୍ବଦା ଜାଗ୍ରତ ରହୁ । ୧୭ ଜଣ ଲେଖକ ଓ ଲେଖିକାଙ୍କ ଗବେଷଣାତ୍ମକ ପ୍ରବନ୍ଧ ଏହି ଉଚ୍ଚତର ଗବେଷଣାକୁ ପୂର୍ଣ୍ଣଙ୍ଗ କରିବାରେ ସହାୟକ ହୋଇପାରିଅଛି ଏଥିରେ ଦ୍ୱିମତ ନାହିଁ ।

**ସହାୟକ ଗ୍ରନ୍ଥସୂଚୀ:-**


୧. କାଳିନ୍ଦୀଚରଣ ପାଣିଗ୍ରାହୀ- ଡ଼କ୍ଟର ଆଦିକନ୍ଦ ସାହୁ , ଓଡ଼ିଶା ସାହିତ୍ୟ ଏକାଡ଼େମୀ -୨୦୦୧ ।

୨. ଓଡ଼ିଶା ସାହିତ୍ୟ ଏକାଡ଼େମୀର ମୁଖପତ୍ର"କୋଣାର୍କ " ୮୬ତମ ସତନ୍ତ୍ର ସଂସ୍କରଣ- କାଳିନ୍ଦୀଚରଣ ବିଶେଷାଙ୍କ

୩. କାଳିନ୍ଦୀଚରଣ ଙ୍କ ଆତ୍ମଜୀବନୀ- "ଅଙ୍ଗେ ଯାହା ନିଭାଇଛି" - କଟକ ଷ୍ଟୁଡ଼େଂଟ ଷ୍ଟୋର ।

୪. କାଳିନ୍ଦୀଚରଣଙ୍କ କଥା ସାହିତ୍ୟ -ଡ଼କ୍ଟର ବିଷ୍ଣୁପ୍ରିୟା ଓତା (ପି.ଏଚଡ଼ି. ସନ୍ଦର୍ଭ) ।

୫. କାଳିନ୍ଦୀଚରଣ ପାଣିଗ୍ରାହୀ -ପ୍ରଫେସର ମଧୁସୁଦନ ପତି- କେନ୍ଦ୍ର ସାହିତ୍ୟ ଏକାଡ଼େମୀ (ଇଂରାଜୀ ଭାଷା)

୬. ଓଡ଼ିଶାର ପଦ୍ମ ସମ୍ମାନ- ପଦ୍ମଭୂଷଣ କାଳିନ୍ଦୀଚରଣ -ଡ଼କ୍ଟର ଇତି ସାମନ୍ତ-କାଦମ୍ବିନୀ -ମେ-୨୦୧୬ ।

୭. କାଳିନ୍ଦୀଚରଣ-କାବ୍ୟ ମାନସ -ଅଧ୍ୟାପିକା ଡ଼କ୍ଟର ବିଣାପାଣୀ ପ୍ରଧାନ, ବିଜୟନୀ ପବ୍ଲିକେଶନ-କଟକ ।

୮. କାଳିନ୍ଦୀଚରଣ ଙ୍କ ଜୀବନୀ ଓ ସୃଜନୀ ଉପରେ ଆଧାରିତ ଲେଖା- ଓଡ଼ିଶାର ବିଭିନ୍ନ ପତ୍ର ଓ ପତ୍ରିକାର ସାରାଂଶ ।

୯. "ଏ ଜର୍ଣ୍ଣିଙ୍ଗ" -ନରେନ୍ଦ୍ର ମୋଦି-ଇଂରାଜୀ ଅନୁବାଦ ରବିମନ୍ଥା-ରୁପାପବ୍ଲିକେଶନ-ନୁଆଦିଲ୍ଲୀ -୨୦୦୪ ।

୧୦. "ଧନ୍ୟ ଏଇ ଆଖି"- ପ୍ରଫେସର ସ୍ମରପ୍ରିୟା ମିଶ୍ର ଓ ଡ଼କ୍ଟର ଅମୁଲ୍ୟରତ୍ନ ମହାନ୍ତି -ଫ୍ରେଣ୍ଡସ ପବ୍ଲିକେଶନ-କଟକ -୨୦୧୫ ।

୧୧. "ନମୋନାମା"-ନରେନ୍ଦ୍ର ମୋଦିଙ୍କ ଜୀବନୀ ଓ ଦର୍ଶନ-କୃପାସାଗର ସାହୁ ,କୁସୁମିତା ପବ୍ଲିକେଶନ-ଭୁବନେଶ୍ୱର -୨୦୧୫ ।

୧୨. "ସମୟ ସମୟର କଥା"- (ବିଶେଷ ମାଟିର ମଣିଷ-ନରେନ୍ଦ୍ର ଦାମୋଦର ଦାସ ମୋଦି) ଅମରେଶ ବିଶ୍ୱାଳ-କଲ୍ୟାଣୀ ପ୍ରେସ-ଭୁବନେଶ୍ୱର-୨୦୧୫ ।

୧୩. "ନରେନ୍ଦ୍ର ମୋଦିଙ୍କ ଜୀବନ କଥା" -ଓଡ଼ିଆ ଅନୁବାଦ - ପ୍ରଫେସର ସ୍ମରପ୍ରିୟା ମିଶ୍ର ଓ ଡ଼କ୍ଟର ଅମୁଲ୍ୟରତ୍ନ ମହାନ୍ତି -ଫ୍ରେଣ୍ଡସ୍ ପବ୍ଲିକେଶନ- କଟକ-୨୦୧୬ ।

୧୪. "ରାଷ୍ଟ୍ରପୁରୁଷ-ନରେନ୍ଦ୍ର ମୋଦି"- ପଣ୍ଡିତ ଦୈତାରୀ ମହାପାତ୍ର -ସୃଜନୀ ପ୍ରକାଶନ -କଟକ-୨୦୧୫ ।

୧୫. "ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି"-ଚନ୍ଦ୍ରମଣି ଭୁୟାଁ -ସାଇ ଯମୁନା ପବ୍ଲିକେଶନ, କଟକ-୨୦୧୪ ।

୧୬. "ଆଦରଣୀୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି"- ସୁସ୍ମିତା ସାହୁ-ନଲେଜ୍ ବୁକ୍ ଡ଼ିପୋ-ଭୁବନେଶ୍ୱର -୨୦୧୬ ।

୧୭. "କାଳିନ୍ଦୀ ଚରଣ - ଓଡିଆ ସାହିତ୍ୟର ଜଣେ କାଳଜୟୀ ସାଧକ" - ଅଧ୍ୟାପକ ଡକ୍ଟର ସୁବାଷ ନାୟକ, ପ୍ରକାଶିତ ଇଂରାଜୀ ଲିଟେରାରୀ ଜର୍ଣ୍ଣାଲ 'ରକ୍ ପେବୁଲ' ୟୁ.ଜି.ସି ଅନୁମୋଦିତ - ଜୁନ୍ ୨୦୧୭


(ପ୍ରଫେସର ଡ଼କ୍ଟର ସୁବାସ ନାୟକ)

ଗବେଷକ- ସତତ୍ବଧାରକ